CMYK

• Vol.- 46, Issue No. 101
• Saturday, 11 July 2026
• ଶନିବାର, ୧୧ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ପ୍ରେସକ୍ରିପସନ୍ ବିନା ବଜାରରେ ମିଳିବନି ଅଧିକ ଆଲକୋହଲଯୁକ୍ତ ଔଷଧ




ନୂଆଦିଲ୍ଲୀ, ୧୦।୭: ଲାଇସେନ୍ସ ଏବଂ ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା ବଜାରରେ ଅଧିକ ଆଲକୋହଲଯୁକ୍ତ ଔଷଧ ଆଉ ଉପଲବ୍ଧ ହେବ ନାହିଁ। କେନ୍ଦ୍ର ସରକାର ଔଷଧ ନିୟମ, ୧୯୪୫ ସଂଶୋଧନ କରି ଉଚ୍ଚ ସ୍ତରର ଆଲକୋହଲ (ଇଥାଇଲ୍ ଆଲକୋହଲ) ଯୁକ୍ତ ଔଷଧର ବିକ୍ରୟ ଏବଂ ବଣ୍ଟନ ଉପରେ କଠୋର ନିୟମ ଲାଗୁ କରିଛନ୍ତି। ଏହି ନିୟମ ଅନୁଯାୟୀ, ୧୨ ପ୍ରତିଶତରୁ ଅଧିକ ଇଥାଇଲ୍ ଆଲକୋହଲ ଏବଂ ୩୦ ମିଲିରୁ ଅଧିକ ପରିମାଣର ସମସ୍ତ ଔଷଧ ପ୍ରସ୍ତୁତି ପୂର୍ବ ପରି ସୂଚୀରୁ ଆଉ ମୁକ୍ତ ହେବ ନାହିଁ। ଏହାର ଅର୍ଥ ହେଉଛି ଏହି ଔଷଧଗୁଡ଼ିକର ଉତ୍ପାଦନ ଏବଂ ବିକ୍ରୟ ପାଇଁ ଏବେ ଲାଇସେନ୍ସ ବାଧ୍ୟତାମୂଳକ ହେବ। ସରକାର ଏହି ଔଷଧଗୁଡ଼ିକୁ ସୂଚୀ ଏଚ୧ ରେ ଅନ୍ତର୍ଭୁକ୍ତ କରିଛନ୍ତି, ଅର୍ଥାତ୍ ଏଗୁଡ଼ିକୁ କେବଳ ପଞ୍ଜୀକୃତ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଦ୍ୱାରା ବିକ୍ରୟ କରାଯାଇପାରିବ। ମେଡିକାଲ୍ ଷ୍ଟୋରଗୁଡ଼ିକୁ ମଧ୍ୟ ସେମାନଙ୍କର ବିକ୍ରୟର ସମ୍ପୂର୍ଣ୍ଣ ରେକର୍ଡ ବଜାୟ ରଖିବାକୁ ପଡିବ।

## ରାକ୍ଷୀ ପୂର୍ଣ୍ଣିମାରେ 'ସୁଭଦ୍ରା'ର ପଞ୍ଚମ କିସ୍ତି

### ୩ ଲକ୍ଷ ୧୭ ହଜାର ୯୬୬ ନୂଆ ଆବେଦନ




ଭୁବନେଶ୍ୱର, ୧୦।୭(ନିପ୍ର): ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରାର ପଞ୍ଚମ କିସ୍ତି । ଆରମ୍ଭରୁ କିସ୍ତି ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକକାଳୀନ କିସ୍ତି ମିଳିବ। ସୁଭଦ୍ରା ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ୩ ଲକ୍ଷ ୧୭ ହଜାର ୯୬୬ ଜଣ ନୂଆ ଆବେଦନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୩ ଲକ୍ଷ ୧୭ ହଜାର ୯୬୬ ଜଣ ନୂଆ ଆବେଦନକାରୀଙ୍କ ସମୀକ୍ଷା କରାଯାଇଛି। ୮୨ ହଜାର ୩୬ ଜଣଙ୍କର ଡିବିଟି ସକ୍ରିୟ ପାଇଁ କୁହାଯାଇଛି। ୨୮ ହଜାର ୬୧୧ ଜଣଙ୍କର ବାୟୋମେଟ୍ରିକ ଇ-କେୱାଇସି ହୋଇନାହିଁ। ଜୁଲାଇ ୨୫ ତାରିଖ ସୁଦ୍ଧା ସମସ୍ତଙ୍କର ଫିଲ୍ଡ ଇନକ୍ୱାରୀ ସରିବ।

### ରଥଯାତ୍ରା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ୧୯ ଆଇପିଏସ୍‌ଙ୍କୁ ସୁରକ୍ଷା ଦାୟିତ୍ୱ

- ପୁରୀକୁ ଜଗିବ ୪୭୩ ସିସିଟିଭି କ୍ୟାମେରା
- ତଟରକ୍ଷୀ ବାହିନୀ ଓ ନୌସେନା ହେବେ ମୁତୟନ
- ସୁରକ୍ଷା ଦାୟିତ୍ୱରେ ୧୨ ହଜାର ପୋଲିସ
- ଭିଡ଼ ନିୟନ୍ତ୍ରଣ କରିବ ଏଭାକ୍ୟୁସନ କରିଡର
- ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



ଭୁବନେଶ୍ୱର, ୧୦।୭(ନିପ୍ର): ଗତ ୬ ତାରିଖରେ ପୁରୀରେ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରଥଯାତ୍ରା ପାଇଁ ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଏଥିରେ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ। କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ୍ ନ ରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା ସିଏପିଏଫର କର୍ମଚାରୀ ମୁତୟନ କରାଯାଇଛି। ଏହାସହିତ କୋଷ୍ଟଗାର୍ଡ ଓ ଇଣ୍ଡିଆନ ନେଭି ମଧ୍ୟ ସଜାଗ ଅଛନ୍ତି। ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି। ସେହିପରି ୪୭୩ ସିସିଟିଭି କ୍ୟାମେରା ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ ଏଲଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ସୂଚନା ପ୍ରଦାନ ପାଇଁ ଏଥରକ ବଡ଼ ଏଲଇଡ଼ି ସ୍କ୍ରିନ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ବୁଲ୍କ ମେସେଜିଂର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ଅନେକ ଏଭାକ୍ୟୁସନ କରିଡରର ବ୍ୟବସ୍ଥା କରାଯାଇଛି। ସମସ୍ତ ସୁରକ୍ଷା କାର୍ଯ୍ୟର ନିୟନ୍ତ୍ରଣ ପାଇଁ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି। ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଙ୍ଗ୍, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱନ୍ଦ୍ୱ ଦୂର କଲେ ମନ୍ତ୍ରୀ ନାମଲେଖା ପାଇଁ ଟଙ୍କା ଦେଇଥିଲେ ଫେରସ୍ତ ପାଇବେ

ଭୁବନେଶ୍ୱର, ୧୦।୭: କେଜିରୁ ପିଜି ମାଗଣା ଶିକ୍ଷା ନେଇ ଦ୍ୱନ୍ଦ୍ୱ ଦୂର କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି, ପ୍ରଫେସନାଲ ଓ ସେଲ୍ଫ ଫାଇନାନ୍ସିଂ କୋର୍ସକୁ ଛାଡ଼ିଦେଲେ ବାକି ସବୁ ମାଗଣା। ଯୋଜନା ଆରମ୍ଭ ପୂର୍ବରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା ତେଣୁ ଯେଉଁ ପିଲାମାନେ ନାମଲେଖା ପାଇଁ ଟଙ୍କା ଦେଇଛନ୍ତି ସେମାନେ ଫେରସ୍ତ ପାଇବେ। ବ୍ଲକଗ୍ରାଣ୍ଟ କଲେଜକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି, ବ୍ଲକ ଗ୍ରାଣ୍ଟ କଲେଜକୁ ସରକାର ଟଙ୍କା ଦେବେ। ପିଲା ଦିଅନ୍ତୁ କି ସରକାର; କଲେଜ ଟଙ୍କା ପାଇଲେ ଗଲା ବୋଲି ମନ୍ତ୍ରୀ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଜେଇ



ବାରିପଦା, ୧୦।୭: ଲାଞ୍ଚ ନେଉଥିବାବେଳେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର କନିଷ୍ଠ ଯନ୍ତ୍ରୀ (ଜେଇ) ସୁଶୀଲ କୁମାର ସିଂ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ଠିକାଦାରଙ୍କଠାରୁ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ବାରିପଦା ଭିଜିଲାନ୍ସ ୟୁନିଟ୍ ତାଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ବଡ଼ସାହି ବ୍ଲକ ଅଧୀନରେ ଥିବା ଟଙ୍ଗାଶୋଳ, ଶାଳଗାଁ, ମନଗୋବିନ୍ଦପୁର ଓ ମାଣତ୍ରୀ ପଞ୍ଚାୟତର ଦାୟିତ୍ୱରେ ଥିଲେ ଜେଇ ସୁଶୀଲ କୁମାର ସିଂ। ଟଙ୍ଗାଶୋଳ ପଞ୍ଚାୟତର ଲେମ୍ବୁସାହିଠାରୁ କେନ୍ଦୁଆ ପର୍ଯ୍ୟନ୍ତ ମେଣ୍ଟାଲ ମୋରମ୍ ରାସ୍ତା ନିର୍ମାଣ କାମରେ ସେ ଠିକାଦାରଙ୍କ ଠାରୁ ପିସି ବାବଦରେ ୩୨ ହଜାର ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟର ଅଟକଳ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ଥିବା ଜଣାପଡ଼ିଛି। ଠିକାଦାରଙ୍କ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢ଼ାଉ କରାଯାଇଥିଲା।

## ଏଥର ବିଳମ୍ବ ହେବ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୧୦।୭: ଏଥର ବିଳମ୍ବ ହେବ ପଞ୍ଚାୟତ ନିର୍ବାଚନ । ୨୦୨୭ ଜନଗଣନା ପରେ ଏପ୍ରିଲରେ ପଞ୍ଚାୟତ ନିର୍ବାଚନ ପାଇଁ ନୋଟିଫିକେଶନ ବାହାରିବ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି । ଜୁନ ସୁଦ୍ଧା ପଞ୍ଚାୟତ ନିର୍ବାଚନ ସାରିବାକୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି।



ଆରଡିସି ଓ ଜିଲ୍ଲାପାଳମାନଙ୍କ ସହ ପୂର୍ବରୁ ବୈଠକ ସରିଛି । ଆସନ୍ତା ୨୧ ରେ ପୁନର୍ବାର ଆଭାସି ମାଧ୍ୟମରେ ବୈଠକ ବସିବ । ନିର୍ବାଚନ ପୂର୍ବରୁ ପ୍ରଥମ ଥର ଡୋର-ଟୁ -ଡୋର ସର୍ଭେ ହେବ । ଆମ ବୁଥବାରି ସର୍ଭେ ହେବ । ଗୋଟିଏ ବୁଥରେ ବିଭିନ୍ନ ଅଞ୍ଚଳର ଭୋଟର ରହିଯାଉଛନ୍ତି । ସେଥିପାଇଁ ଭୋଟର ସଂଖ୍ୟା କମୁଛି । ସର୍ଭେ ପରେ ଅପଡେଟ୍ ତଥ୍ୟ ବାହାରିବ। ବୁଥୱାରି ଭୋଟର ଲିଷ୍ଟ ବାହାରିବ। ବୁଥର ସବୁ ଭୋଟର ତାଙ୍କରି ବୁଥରେ ହିଁ ଭୋଟ ଦେବେ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ମଧୁ ପାଢ଼ୀ ସୂଚନା ଦେଇଛନ୍ତି ।

## ଓସିଏସ୍ ପ୍ରିଲିମିନାରି: ୫୬୯୦ ଜଣ କୃତକାର୍ଯ୍ୟ

ଭୁବନେଶ୍ୱର, ୧୦।୭: ଓଡ଼ିଶା ଜନସେବା ଆୟୋଗ (ଓପିଏସସି) ପକ୍ଷରୁ ଅନୁଷ୍ଠିତ ଓସିଏସ୍ (ଓଡ଼ିଶା ସିଭିଲ୍ ସର୍ଭିସ୍)ର ପ୍ରାଥମିକ ପର୍ଯ୍ୟାୟ ପରୀକ୍ଷା (ପ୍ରିଲିମିନାରି)ର ଫଳ ପ୍ରକାଶିତ ହୋଇଛି। ଶୁକ୍ରବାର ଏନେଇ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଚଳିତ ବର୍ଷ ଜୁନ୍ ୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ୧୯୦୫ ଜଣ ମହିଳାଙ୍କ ସମେତ ୫୬୯୦ ଜଣ ଏହି ପ୍ରାଥମିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।

## ମହାକାଶକୁ ଯିବେ ଅନୀଲ ମେନନ



ୱାଶିଂଟନ୍, ୧୦।୭: ଜୁଲାଇ ୧୪ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଅଭିମୁଖେ ଯାତ୍ରା କରିବେ ଭାରତୀୟ ବଂଶୋଦ୍ଭବ ନାସାର ମହାକାଶଚାରୀ ଅନୀଲ ମେନନ।ଆମେରିକାର ନ୍ୟାସନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ (ନାସା) ମହାକାଶଚାରୀ ଅନୀଲ ମେନନ ଜୁଲାଇ ୧୪ରେ କାଜାଖସ୍ତାନର ବାଇକୋନୁର ସ୍ପେସ୍ ଲଞ୍ଚ ସାଇଟରୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନକୁ ଆଠ ମାସର ମିଶନରେ ଉତ୍କ୍ଷେପଣ କରିବେ। ୪୯ ବର୍ଷୀୟ ମେନନ ଭାରତୀୟ ବଂଶୋଦ୍ଭବ। ଜୁଲାଇ ୯ ରେ ନାସାର ୱେବସାଇଟରେ ଏହି ପ୍ରଭାବ ପାଇଁ ଏକ ପ୍ରେସ୍ ବିଜ୍ଞପ୍ତି ସେୟାର କରାଯାଇଛି।

## ବାଇକରେ ବୁହା ହେଲା ନାବାଳିକାଙ୍କ ମୃତଦେହ

ନବରଙ୍ଗପୁର, ୧୦।୭ : ନବରଙ୍ଗପୁର ଜିଲାର ଉମରକୋଟ ଅଞ୍ଚଳରୁ ଏକ ହୃଦୟ ବିଦାରକ ଘଟଣା ଏଠାରେ ଚର୍ଚ୍ଚା ଓ ଆଲୋଡ଼ନ ସୃଷ୍ଟି କରିଛି। ପ୍ରାୟ ୧୦ କିଲୋମିଟର ଦୂର ବାଇକରେ ଜଣେ ନାବାଳିକାଙ୍କ ମୃତଦେହ ବୋହି ନେବାକୁ ପରିବାର ଲୋକେ ବାଧ୍ୟ ହୋଇଥିଲେ। ଏହି ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଜରୁରୀକାଳୀନ ସେବାର ବାସ୍ତବ ଚିତ୍ରକୁ ପୁଣି ପଦାରେ ପକାଇଛି।ସୂଚନା ଅନୁଯାୟୀ, ଉମରକୋଟ ବ୍ଲକ ଅନ୍ତର୍ଗତ ସାନଭରଣ୍ଡୀ ଗ୍ରାମରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ନାବାଳିକା ଅନିତା ଲହରାଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିଲା। ପରିବାର ଲୋକଙ୍କ କହିବା ଅନୁସାରେ, ସେ ଦୀର୍ଘଦିନ ଧରି ଏକ ରୋଗରେ ପୀଡ଼ିତ ଥିଲେ।ମୃତ୍ୟୁ ପରେ ତାଙ୍କ ମୃତଦେହକୁ ଉମରକୋଟ ବ୍ଲକର ମୁର୍ତ୍ତୁମା ପଞ୍ଚାୟତ ଅନ୍ତର୍ଗତ ଅମ୍ବାଗୁଡ଼ା ଗ୍ରାମରେ ଥିବା ତାଙ୍କ ମାମୁଘରକୁ ନିଆଯାଇଥିଲା। ସମ୍ପର୍କୀୟମାନଙ୍କ କହିବା ଅନୁସାରେ, ସାନଭରଣ୍ଡୀ ଗ୍ରାମରେ ମୃତ୍ୟୁ ଘଟିଥିବାରୁ ସେଠାରେ ଶବ ସତ୍କାର ନ କରି ନାବାଳିକାଙ୍କ ପୂର୍ବ ବାସସ୍ଥାନ ଥିବା ମାମୁଘରକୁ ଶବ ସତ୍କାର ପାଇଁ ମୃତଦେହ ଅଣାଯାଇଥିଲା।



ତେବେ ମୃତଦେହ ପରିବହନ ପାଇଁ କୌଣସି ସରକାରୀ ଶବବାହୀ ଗାଡ଼ିର ସୁବିଧା ନ ମିଳିବାରୁ ପରିବାର ଲୋକେ ଏକ ବାଇକରେ ପ୍ରାୟ ୧୦ କିଲୋମିଟର ଦୂର ମୃତଦେହକୁ ବୋହି ଅମ୍ବାଗୁଡ଼ା ଗ୍ରାମକୁ ନେଇଥିଲେ। ଏହି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଆଲୋଚ୍ୟର ବିଷୟ ପାଲଟିଛି।

## ବିଚାରପତିଙ୍କ ଆଡ଼କୁ କାଗଜ ଫିଙ୍ଗିଲେ ଆବେଦନକାରୀ

ନୂଆଦିଲ୍ଲୀ, ୧୦।୭: ସୁପ୍ରିମକୋର୍ଟରେ ଶୁକ୍ରବାର ଏକ ଅପ୍ରୀତିକର ଘଟଣା ଘଟିଛି। ଆଲ୍ଲାହାବାଦ ହାଇକୋର୍ଟଙ୍କ ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନର ଶୁଣାଣି ବେଳେ ଆବେଦନକାରୀ ନିଜେ କୋର୍ଟରେ ହାଜର ହୋଇ ବିଚାରପତିଙ୍କ ପ୍ରତି ଅସମ୍ମାନ ଜନକ ଆଚରଣ କରିଥିଲେ। ସେ ବିଚାରପତିଙ୍କୁ ନିର୍ଦ୍ଦେଶ ଦେବା ଭଳି ଭାଷା ବ୍ୟବହାର କରିବା ସହ ସେମାନଙ୍କ ଆଡ଼କୁ ମାମଲା ସମ୍ବନ୍ଧୀୟ କାଗଜପତ୍ର ଫିଙ୍ଗି ଦେଇଥିଲେ ଏବଂ ଉଚ୍ଚ ସ୍ୱରରେ ଗାଳିଗୁଲଜ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ପରେ ସୁରକ୍ଷା କର୍ମୀମାନେ ତୁରନ୍ତ ତାଙ୍କୁ କୋର୍ଟ କକ୍ଷରୁ ବାହାରକୁ ନେଇଯାଇଥିଲେ। ଏହି ଘଟଣା ଜଷ୍ଟିସ କେ.ଭି. ବିଶ୍ୱନାଥନ ଓ ଜଷ୍ଟିସ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ସମ୍ମୁଖରେ ଘଟିଥିଲା। ନିଜ ପକ୍ଷ ଉପସ୍ଥାପନ କରିବା ସମୟରେ ଆବେଦନକାରୀ କହିଥିଲେ, "ହେ ନ୍ୟାୟିକ ସେବକ, ଲକ୍ଷ୍ନୌ ଏସିପିଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ମୁଁ ଆପଣଙ୍କୁ ଆଦେଶ ଦେଉଛି।" ଆବେଦନକାରୀଙ୍କ ଏହି ମନ୍ତବ୍ୟରେ ଆଶ୍ଚର୍ଯ୍ୟ ପ୍ରକାଶ କରି ଜଷ୍ଟିସ ବିଶ୍ୱନାଥନ ପଚାରିଥିଲେ, "ଆପଣ ମୋତେ ଆଦେଶ ଦେଉଛନ୍ତି ? ଆପଣ ଆମକୁ ଆଦେଶ ଦେଉଛନ୍ତି ?" ଏହାର ଉତ୍ତରରେ ଆବେଦନକାରୀ କହିଥିଲେ, "ମୋ ପକ୍ଷରୁ ଏତିକି ହିଁ କହିବାର ଅଛି। ସବୁ କିଛି ରେକର୍ଡରେ ଅଛି।"



### ବଦାନ୍ୟତା ଦେଖାଇଲେ ସୁପ୍ରିମକୋର୍ଟ ସିଜେଆଇଙ୍କୁ ଗାଳିଗୁଲଜ କରିଥିବା ବ୍ୟକ୍ତିଙ୍କୁ ମିଳିଲା କ୍ଷମା

ନୂଆଦିଲ୍ଲୀ, ୧୦।୭: ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ପୁଣି ନିଜର ମହାନତା ଓ ସମ୍ବେଦନଶୀଳତାର ପରିଚୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଭାଷା ପ୍ରୟୋଗ ତଥା ଗାଳିଗୁଲଜ କରି ଅଦାଲତ ଅବମାନନା ମାମଲାରେ ଫସିଥିବା ଜଣେ ବ୍ୟକ୍ତିଙ୍କୁ ସୁପ୍ରିମକୋର୍ଟ କ୍ଷମା ପ୍ରଦାନ କରିଛନ୍ତି। ବ୍ୟକ୍ତିଜଣଙ୍କର ମାନସିକ ସ୍ଥିତିକୁ ବିଚାରକୁ ନେଇ କୋର୍ଟ ତାଙ୍କ ବିରୋଧରେ ଚାଲିଥିବା ସମସ୍ତ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଭୟ ଏସ. ଓକା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ। ଶୁଣାଣି ସମୟରେ ଅଭିଯୁକ୍ତଙ୍କର ମାଗଣା ଆଇନ ସେବା ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ସମ୍ପୃକ୍ତ ବ୍ୟକ୍ତିଜଣକ ଗୁରୁତର ମାନସିକ ରୋଗ 'ସ୍କିଜୋଫ୍ରେନିଆ'ରେ ପୀଡ଼ିତ ଅଛନ୍ତି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଏହାପରେ କୋର୍ଟ ଏକ ମେଡିକାଲ ବୋର୍ଡ ଗଠନ କରି ବ୍ୟକ୍ତିଙ୍କର ମାନସିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ବୋର୍ଡର ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା ଯେ ଉକ୍ତ ବ୍ୟକ୍ତିଙ୍କର ମାନସିକ ସ୍ଥିତି ସ୍ୱାଭାବିକ ନାହିଁ।

## ଏସି ବସ୍ ଭଡ଼ା ସ୍ଥିର କଲେ ସରକାର

ଭୁବନେଶ୍ୱର, ୧୦।୭ : ଏସି ସ୍ଲିପର ବସ୍ ଯାତ୍ରୀଙ୍କ ପାଇଁ ବଡ଼ ଖବର । ସୁପର ପ୍ରିମିୟମ ସ୍ଲିପର ଏସି' ବସ୍ ଭଡ଼ା ସ୍ଥିର କରିଛନ୍ତି ସରକାର । ଏଣିକି କିଲୋମିଟର ପିଛା ଦେବାକୁ ହେବ ୩.୫୦ ଟଙ୍କା। ଓଡ଼ିଶାରେ ଲମ୍ବା ଦୂରତା ଯାତ୍ରା କରୁଥିବା ବସ୍ ଯାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର। ରାଜ୍ୟ ସରକାର ପ୍ରଥମ ଥର ପାଇଁ 'ସୁପର ପ୍ରିମିୟମ ଫୁଲି ସ୍ଲିପର ଏସି' ବସ୍ ଶ୍ରେଣୀ ପାଇଁ ଏକ ନୂତନ ଭଡ଼ା ଗଠନ ନୋଟିଫିକେସନ୍ ଜାରି କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଏହି ଅତ୍ୟାଧୁନିକ ପ୍ରିମିୟମ ସ୍ଲିପର ବସ୍‌ଗୁଡ଼ିକ ପାଇଁ ସର୍ବାଧିକ ଭଡ଼ା କିଲୋମିଟର ପିଛା ୩ ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଛି । ରାଜ୍ୟ ଭିତରେ ଚାଲୁଥିବା ସମସ୍ତ ସମ୍ପୂର୍ଣ୍ଣ ସ୍ଲିପର ଏସି କୋଚ୍ ପାଇଁ ଏହି ନୂଆ ନିୟମ ଲାଗୁ ହେବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ ଏକ ବୈଷୟିକ କମିଟିର ସୁପାରିସ ଆଧାରରେ ଏହି ଦର ନିର୍ଦ୍ଧାରଣ କରାଯାଇଛି । ତେବେ ସାଧାରଣ , ଏକ୍ସପ୍ରେସ, ଡିଲକ୍ସ , ଏସି ଡିଲକ୍ସ ଏବଂ ସାଧାରଣ ସୁପର ପ୍ରିମିୟମ ବସ୍‌ଗୁଡ଼ିକର ପୁରୁଣା ଭଡ଼ାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ ।



## ତବଲାକଟା ବିଦ୍ୟାଳୟରେ ବନମହୋତ୍ସବ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଡିମିରିମୁଣ୍ଡା ପଞ୍ଚାୟତର ତବଲାକଟା ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ରୋପ ଅନୁଷ୍ଠାନ, ବାଲ ସୁରକ୍ଷା ଇନିସିଏଟିବ (ନୂଆଦିଲ୍ଲୀ) ପ୍ରତ୍ୟେକ ନୂଆଦିଲ୍ଲୀର ମିଳିତ ଉଦ୍ୟମରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଶିଶୁମାନଙ୍କ ସହିତ ଅତିଥିଗଣ ତାବଲାକଟା ଗ୍ରାମଠାରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ପଦଯାତ୍ରା ସମୟରେ ଶିଶୁମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ନିଷେଧ, ପାଣି, ବିଜୁଳିର ଉପଯୁକ୍ତ ବ୍ୟବହାର ଉପରେ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଦିବସ ଉପଲକ୍ଷେ ଏକ ସଚେତନତା ସଭା କରାଯାଇଥିଲା । ବନମହୋତ୍ସବ ହେଉଛି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବାର ଏକ ଜାତୀୟ ଅଭିଯାନ। ବୃକ୍ଷରୋପଣ କରି ପରିବେଶକୁ ସବୁଜ ଓ ସୁସ୍ଥ ରଖିବା।




ଗଛ ଆମକୁ ଅମ୍ଳଜାନ, ଫଳ, ଔଷଧ, ଛାଇ ଓ ସ୍ୱଚ୍ଛ ପରିବେଶ ପ୍ରଦାନ କରେ। ତେଣୁ କେବଳ ଗଛ ଲଗାଇବା ନୁହେଁ, ସେଗୁଡ଼ିକର ଯତ୍ନ ନେଇ ବଞ୍ଚାଇ ରଖିବା ମଧ୍ୟ ଆମର ଦାୟିତ୍ୱ। ସମସ୍ତେ ମିଶି ଗୋଟିଏ ଲୋକ ଗୋଟିଏ ଗଛ ସଂକଳ୍ପ ନେବା ଏବଂ ଏକ ସବୁଜ, ସ୍ୱଚ୍ଛ ଓ ସୁନ୍ଦର ଭବିଷ୍ୟତ ଗଢିବା। ଏହି ସଚେତନତା ସଭାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅତିଥି ଗଣ ମିଶି ବିଭିନ୍ନ ପ୍ରକାର ଗଛ ଚାରାରୋପଣ କରିଥିଲେ।

## ମୁନିଶିରୋମଣି ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ଜୟନ୍ତୀ

ବଡ଼ସାହି,(ନିପ୍ର): ଓଡ଼ିଶା ମୁନି ସମାଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜ୍ଞାନ ଦୀପ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ମୁନିଶିରୋମଣି ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୯୧ତମ ଜୟନ୍ତୀ ସ୍ଥାନୀୟ ପଣ୍ଡୁଗଡ଼ିଆ ଶିବମୁନି ଯୋଗାଶ୍ରମରେ ସମାରୋହରେ ପାଳିତ ସୋଇଯାଇଛି । ଯୋଗୀ ସୁବାସ ମୁନି ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଯୋଗାଚାର୍ଯ୍ୟ ଭାଗବତ ମୁନି ସତ୍ୟ ପତାକା ଉତ୍ତୋଳନ କରିଥିଲେ । ପତାକା ସଙ୍ଗୀତ ଗାନ କରିଥିଲେ ମୁନିମତୀ କଳ୍ପନା କୁମାରୀ ସାହୁ। ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ସ୍ମୃତି କମିଟିର ସଭାପତି ମୁନିମତୀ ତୁଳାମଣି ଭୂୟାଁ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ମୁନି। ସେ ସୁବାସ ମୁନିଙ୍କ ବହୁମୁଖୀ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଦର୍ଶନ ବିଭାଗର ସେବାନିବୃତ୍ତ ପ୍ରାଧ୍ୟାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗଦାନ କରି ସୁବାସ ମୁନିଙ୍କ ଅମର ଲେଖନୀ ଚିରଦିନ ପାଇଁ ଉଜ୍ଜୀବିତ ରହିବ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଓଡ଼ିଶା ପ୍ରାନ୍ତ ମୁନିସମାଜର ସମ୍ପାଦକ ଯୋଗାଚାର୍ଯ୍ୟ ଧ୍ରୁବଚରଣ ମୁନି ସୁବାସ ମୁନି ଓଡ଼ିଶା ମୁନି ସମାଜର ପ୍ରାଣ ପ୍ରତିଷ୍ଠାତା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ସହସମ୍ପାଦକ ଯୋଗୀ ଚିତ୍ତ ମୁନି, ଯୋଗାଚାର୍ଯ୍ୟ ଦାମୋଦର ମୁନି, ଯୋଗାଚାର୍ଯ୍ୟ ଲକ୍ଷ୍ମୀଧର ମୁନି, ଯୋଗୀ ଗୌରାଙ୍ଗ ପଟ୍ଟନାୟକ, ଯୋଗୀ ଜଗବନ୍ଧୁ ଶତପଥୀ, ଯୋଗୀ ମହିମ ମୁନି ପ୍ରମୁଖ ସୁବାସ ମୁନିଙ୍କ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ ।

## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ରେକର୍ଡ ସଂଶୋଧନ

ପୁରୀ,(ନିପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ଏବଂ ମାର୍ଫତଦାରଙ୍କ ନାମରେ ରେକର୍ଡ଼ଭୁକ୍ତ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କାର୍ଯ୍ୟରେ ଆଉ ଏକ ସଫଳତା ମିଳିଛି। ଏହିକ୍ରମରେ ସତ୍ୟବାଦୀ ତହସିଲରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ରେକର୍ଡଭୁକ୍ତ ଜମିର ଅରିଜିନାଲ୍ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ସଂଶୋଧନ କାର୍ଯ୍ୟ କରାଯାଇଛି। ସତ୍ୟବାଦୀ ତହସିଲରେ ମୋଟ ୩୮ଟି ଖାତାର ରେକର୍ଡ ସଂଶୋଧନ କରାଯାଇଛି। ଫଳରେ ସତ୍ୟବାଦୀର ବିଭିନ୍ନ ମୌଜା ଅନ୍ତର୍ଗତ ମୋଟ ୬୯୩.୧୦୬ ଏକର ଜମିର ଖତିଆନ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଭାବେ ଏହି ଜମି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହୋଇଛି। ସତ୍ୟବାଦୀ ତହସିଲଦାର ଏକ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ପୂର୍ବରୁ ୪୫୮.୮୯୬ ଏକର ଜମିର ରେକର୍ଡ ସଂଶୋଧନ କରାଯାଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଲ୍ୟାଣ୍ଡ ସେଲ୍ ଆରମ୍ଭ ହେବା ପରେ ନୂତନ ଭାବେ ଆଉ ୨୩୪.୨୧ ଏକର ଜମିର ରେକର୍ଡ ସଂଶୋଧନ ହୋଇଛି।

## ଲଙ୍କା ଶୁଖାଇବା ପାଇଁ ସୋଲାର ଡ୍ରାୟର ବ୍ୟବହାର ନେଇ ସଚେତନତା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ନିୟନ୍ତ୍ରିତ ବଜାର କମିଟିର ସଭାଗୃହରେ ସମବାୟ ବିଭାଗ ପକ୍ଷରୁ ଗୁରୁବାର ଲଙ୍କା ଚାଷକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଡିଆରସିଏସ ଲକ୍ଷ୍ମୀଧର ରାଉତ ମୁଖ୍ୟ ଅତିଥି, ଉଦ୍ୟାନବିତ ରମେଶ ହିର୍ଭେ, କୁଚିଣ୍ଡା ଏଆରସିଏସ ରବିଶଙ୍କର ଭିତିରିଆ,ଏସଏଆରସିଏସ ମନୋଜ କୁମାର ମହନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ କହିଲେ ଲଙ୍କା ଚାଷ ଏକ ଅର୍ଥକାରୀ ଫସଲ। ତେଣୁ ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ କରି ଚାଷ କଲେ ଚାଷୀ ଅଧିକ ଅର୍ଥ ଉପାର୍ଜନ କରି ପାରିବେ ବୋଲି କହିଥିଲେ। ଏହାଛଡା ଲଙ୍କାର ଗୁଣବତ୍ତା ବଳବତ୍ତର ରଖିବାକୁ ସୁଖାଇବା ସମୟରେ ସୋଲାର ଡ୍ରାୟର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

# ବୁଡ଼ିବାରେ ଲାଗିଛି ଆଖୁଚାଷ

ରାୟଗଡା,(ନି:ପ୍ର): ଏବେବି ଗାଁ ଗହଳିରେ ପ୍ରସ୍ତୁତ ହେଉଛି ଦେଶୀ ଗୁଡ଼। ଚାହିଦା ବି ରହିଛି, କିନ୍ତୁ ମୁହଁ ଫେରାଉଛନ୍ତି ଚାଷୀ। ବୁଡିବାରେ ଲାଗିଛି ଆଖୁ ଚାଷ। ପୂର୍ବରୁ ଶହ ଶହ ହେକ୍ଟର ଜମିରେ ଜୈବିକ ପଦ୍ଧତିରେ ଆଖୁ ଚାଷ ହେଉଥିଲା। ହେଲେ ବର୍ତ୍ତମାନ ଚାଷ ପରିମାଣ ଅନେକ କମିଯାଇଛି। ତଥାପି ପୂର୍ବପୁରୁଷଙ୍କ ପରମ୍ପରାକୁ ଜୀବନ୍ତ ରଖି କିଛି ଚାଷୀ ଏବେବି ପ୍ରସ୍ତୁତ କରୁଛନ୍ତି ଖାଣ୍ଟି ଦେଶୀ ଗୁଡ଼। ଆଶ୍ଚର୍ଯ୍ୟର କଥା ହେଉଛି ପୂର୍ବ ଭଳି ଆଜି ମଧ୍ୟ ଟଙ୍କା ବଦଳରେ ମଜୁରୀ ଆକାରରେ ଗୁଡ଼ ନେଉଛନ୍ତି ଶ୍ରମିକ।

ଆଖୁ କ୍ଷେତ, ଗଣା, ଆଖୁ ପେଡା, କଡ଼େଇରେ ରସ ଫୁଟୁଥିବା, ଗୁଡ଼ ପ୍ରସ୍ତୁତି ଦୃଶ୍ୟର ଗ୍ରାମ୍ୟ ଚିତ୍ର ଦେଖିଲେ ମନୁଷ୍ୟର ମନ ଫେରିଯାଏ କେଉଁ ଦଶନ୍ଧି ଦଶନ୍ଧି ପଛକୁ। ଆଜି ସେ ଦୃଶ୍ୟ ସାତ ସପନ। ଗାଁ ମଝିରେ ବସିଛି ଘଣା। କେଉଁଠି ହଳ ବଳଦ ସହାୟତାରେ ତ ଆଉ କେଉଁଠି ଟ୍ରାକ୍ଟର ସହାୟତାରେ ଚାଲିଛି ଆଖୁ ପେଡ଼ା ମେସିନ୍। ସେଠାରୁ ବାହାରୁଥିବା ତାଜା ଆଖୁ ରସକୁ ବଡ଼ ବଡ଼ କଡେଇରେ ଢାଳି ଚୁଲି ଉପରେ ଫୁଟାଯାଉଛି। ପରେ ଗରମ ମଣ୍ଡକୁ ଘାଣ୍ଟି ଘାଣ୍ଟି ପାଗ ଆଣି ଛୋଟ ଛୋଟ ଗୋଲ ଆକାରରେ ପ୍ରସ୍ତୁତ ହେଉଛି ଖାଣ୍ଟି ଦେଶୀ ଗୁଡ଼। ସ୍ଥାନୀୟ ଭାଷାରେ ଏହାକୁ କୁହାଯାଏ "ଗୁଡ଼ ବେଲା"। ଏହି ଦୃଶ୍ୟ ହେଉଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ଗାଁର। ହାତ ତିଆରି ଓ ସ୍ୱାଦିଷ୍ଟ ହେବାରୁ ଏହି ଦେଶୀ ଗୁଡ଼ର ଚାହିଦା ଏବେବି ବଜାରରେ ବେଶ୍ ରହିଛି। ଅନ୍ୟପଟେ କ୍ଷେତରେ ଶ୍ରମିକମାନେ ଆଖୁ କାଟି ମୁଣ୍ଡରେ ବୋହି ଗଣା ନିକଟକୁ ନେଉଛନ୍ତି। ପୂର୍ବରୁ ଯେପରି ପରିଶ୍ରମର ପାରିଶ୍ରମିକ ଭାବେ ଟଙ୍କା ବଦଳରେ ଗୁଡ଼ ଦିଆଯାଉଥିଲା, ଆଜି ମଧ୍ୟ ସେହି ପୁରୁଣା ପରମ୍ପରା ଜାରି ରହିଛି। ଶ୍ରମିକମାନେ ଦୈନିକ ମଜୁରୀ ବାବଦରେ ୩ କିଲୋ ଲେଖାଏଁ ଗୁଡ଼ ନେଉଛନ୍ତି।ଦାମଧର ବଛା, ଆଖୁ ଚାଷୀ କୁହନ୍ତି



ବର୍ତ୍ତମାନ ସମୟରେ ଆଖୁଚାଷ କରିବା କାଠିକର ପାଠ। କାରଣ ଏଥିରେ ପରିଶ୍ରମ ବେଶୀ, ଅଧିକଖର୍ଚ୍ଚ, ଆଉ ବଜାର ସୁବିଧା ନାହିଁ। ତାପରେ ଏହାର ଚାହିଦା ରହିଥିଲେ ମଧ୍ୟ, ଲାଭ ନଗଣ୍ୟ। ଚିନିକଳ ନ ଥିବାରୁ ଆଖୁ ବିକ୍ରି କରିବା ଏକ କଷ୍ଟକର ବ୍ୟାପାର। ଏମିତି ପର୍ବପର୍ବାଣୀରେ ଲୋକେ ଆଖୁ କିଣି ନେଇଥାନ୍ତି। ଆମ ପୂର୍ବ ପୁରୁଷ ଅମଳରୁ ଆମେ ଏହି ଆଖୁ ଚାଷ କରି ଆସୁଛୁ। ଆଖୁଚାଷ ପାଇଁ ପ୍ରବଳ ଜଳର ଆବଶ୍ୟକତା ପଡେ। ସରକାର ଯଦି ବିପଣନ ବ୍ୟବସ୍ଥା କରିଥିଲେ ଆଖୁ ଚାଷୀ ଲାଭବାନ ହୁଅନ୍ତେ। ରାୟଗଡାରେ ଚିନିକଳ ଥିଲା। ଜିଲ୍ଲାରେ ଓ ଆଖପାଖ ଅଞ୍ଚଳରେ ପ୍ରବଳ ଆଖୁଚାଷ କରାଯାଉଥିଲା, ଆଉ କାରଖାନା ପାଇଁ ଆଖୁ କିଣି ନେଉଥିଲେ, ବେଶ ଦୁଇ ପଇସା ପାଉଥିଲେ ଲୋକେ। ଏବେ କାରଖାନା ଅନେକ ବର୍ଷ ହେଲା ବନ୍ଦ ହୋଇଗଲାଣି। ଆଖୁ ଆଉ ବିକ୍ରି ହେବା ମୁସ୍କିଲ।

କୁମ୍ଭସୁର ବଛା ଜଣେ ଆଖୁ ଚାଷୀ। ସେ କହନ୍ତି ଆଖୁ ଆନ୍ଧ୍ର ଚାଲିଯାଉଛି। ସରକାର ଆଖୁଚାଷ ପାଇଁ କିଛି ବ୍ୟବସ୍ଥା କରିବା, ପ୍ରୋତ୍ସାହନ ଦେବା ଦରକାର। ଜଳସେଚନ ବ୍ୟବସ୍ଥା ସହ, ଗୁଡ ପ୍ରସ୍ତୁତିକରଣ କଳ ପ୍ରଦାନ, ବଜାର ବ୍ୟବସ୍ଥା, ଆଦି ସୁବିଧା ଯୋଗାଇ ଦେଲେ ଅଞ୍ଚଳରେ ନିଶ୍ଚିତ ଆଖୁଚା ବୃଦ୍ଧି ପାଇଥାନ୍ତା।

ପିଢ଼ି ପିଢ଼ି ଧରି ଏହି ଅଞ୍ଚଳର କୃଷକମାନେ ଜୈବିକ ପଦ୍ଧତିରେ ଆଖୁ ଚାଷ କରି ଦେଶୀ ଗୁଡ଼ ପ୍ରସ୍ତୁତ କରୁଥିଲେ। ନିଜେ ବ୍ୟବହାର କରିବା ସହ ବଜାରରେ ବିକ୍ରି କରି ପରିବାର ଚଳାଉଥିଲେ।ଏହି ଅଞ୍ଚଳର ପାଣିପାଗ ଆଖୁ ଚାଷ ପାଇଁ ବହୁତ ଅନୁକୂଳ ଥିବାରୁ ପୂର୍ବରୁ ଶହ ଶହ ହେକ୍ଟର ଜମିରେ ଆଖୁ ଚାଷ ହେଉଥିଲା। କିଛି ଆଖୁରୁ ଗୁଡ଼ ପ୍ରସ୍ତୁତ କରାଯାଉଥିଲା, ଆଉ ବଳକା ଆଖୁକୁ ରାୟଗଡ଼ା ସ୍ଥିତ ଜେ.ଏସ.କୋ ଚିନି କଳକୁ ବିକ୍ରି କରୁଥିଲେ ଚାଷୀ। କିନ୍ତୁ ଦୀର୍ଘ ବର୍ଷ ଧରି ଏହି ଚିନି କଳ ବନ୍ଦ ପଡ଼ିଥିବାରୁ ଚାଷୀମାନେ ଆଖୁ ବିକ୍ରି କରିପାରୁନାହାନ୍ତି। ଫଳରେ ଆଖୁ ଚାଷ ପାଇଁ ଭୂସ୍ୱର୍ଗ କୁହାଯାଉଥିବା କଲ୍ୟାଣସିଂହପୁର ଅଞ୍ଚଳରେ ମଧ୍ୟ ଚାଷୀଙ୍କ ଆଗ୍ରହ ଧୀରେ ଧୀରେ କମିବାରେ ଲାଗିଛି।

ରାୟଗଡ଼ା ଜିଲ୍ଲାରେ ଆଖୁ କ୍ରୟ ବିକ୍ରୟ ପାଇଁ ସ୍ଥାୟୀ ବ୍ୟବସ୍ଥା ନଥିବାରୁ ଧୀରେ ଧୀରେ ଆଖୁ ଚାଷରୁ ଦୂରେଇଯାଉଛନ୍ତି କୃଷକ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ବରିଷ୍ଠ ନାଗରିକ।

## ଅପହଞ୍ଚ ଗାଁଗୁଡ଼ିକ ଉପରେ ଆନ୍ଧ୍ରର ନଜର

ମାଲକାନଗିରି,(ନିପ୍ର): ସରକାର କହିଲା ମାଓବାଦୀ ଆଉ ନାହିଁ କିନ୍ତୁ ମାଓମୁକ୍ତ ପରେ ମଧ୍ୟ ବିକାଶ ସ୍ରୋତରେ ସାମିଲ୍ ହୋଇପାରୁନି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ । ଚିତ୍ରକୋଣ୍ଡା ବ୍ଲକର ସୀମାନ୍ତ ଗାଁକୁ ଯିବାକୁ ପକ୍କା ରାସ୍ତା ନଥିବାରୁ ୫୦



କି.ମି. ବୁଲି ଆନ୍ଧ୍ର ଦେଇ ଯାଉଛନ୍ତି ଲୋକେ । ଓଡ଼ିଶା ପାଇଁ ଅପହଞ୍ଚ ଗାଁ ଗୁଡ଼ିକ ଉପରେ ଆନ୍ଧ୍ରର ନଜର । ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଗାଁ ଅକ୍ତିଆର କରିବାରେ ଲାଗିଛି ଆନ୍ଧ୍ର । ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତର ନାରଡୁପାଲ୍ଲୀ ଓ ଚିକ୍କାପାନସା, ରାଲଗେଡା ପଞ୍ଚାୟତର ତାଟିପାହାଡ଼, ଡବଲପାହାଡ଼ ଓ କଣ୍ଟାଗୁଡ଼ା ଗାଁକୁ ଯିବାକୁ ହେଲେ ଆନ୍ଧ୍ରର କୋରକୋଣ୍ଡା ଓ ଚିନ୍ତାପେଟା ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି । ପିଡିଏସ୍ ଚାଉଳ, ସ୍ୱାସ୍ଥ୍ୟସେବା ଓ ଭତ୍ତା ଟଙ୍କା ପାଇଁ ଆନ୍ଧ୍ର ରାସ୍ତା ଦେଇ ଗଲେ ବି ଦୁଃଖ ସରୁନି । ୫୦ କି.ମି. ବୁଲି ଯିବା ପରେ ବାଟ ଓଗାଳୁଛି ପାହାଡ଼ି ନଦୀ । ଜୀବନକୁ ବାଜି ଲଗାଇ ଏହାକୁ ପାର ହେଲେ ଗ୍ରାମବାସୀ ଓଡ଼ିଶା ସୀମାନ୍ତ ଗ୍ରାମରେ ପହଞ୍ଚୁଛନ୍ତି ।

## ଅନ୍ତେବାସୀମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ

ଭଦ୍ରକ,(ନିପ୍ର): ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଘରୋଇ ତାର ସଂଯୋଗୀକରଣ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥି




ନିମିତ୍ତ ସଚେତନତା କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା କାରାଗାର, ଭଦ୍ରକ, ଅଧୀକ୍ଷକ ଭଦ୍ରକ ବିକାଶ ସେଠୀ, ଜିଲ୍ଲା ଦକ୍ଷତା ଓ ବିକାଶ ନିଯୋଜନ ଅଧିକାରୀ, ଭଦ୍ରକ ଅନିତା ନାୟକ, ପ୍ରଶିକ୍ଷକ ପଙ୍କଜ ଦାସ ଏବଂ ଯୁବ ପରାମର୍ଶଦାତା ଭିନିତ ଶେଖର, ଏଲଏଡିସି ମୁଖ୍ୟ ନାରାୟଣ ପ୍ରସାଦ ବେହେରା, ସହାୟକ ତାପସ କୁମାର ମହାନ୍ତି ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ କାରାଗାରର ଅନ୍ତେବାସୀମାନଙ୍କୁ ଆଇନଗତ ସହାୟତାର ଅଧିକାର ଏବଂ ଆଇନଗତ ସହାୟତା ପାଇଁ ଆବେଦନ କରିବାର ପ୍ରକ୍ରିୟା, ବିଚାରର ପର୍ଯ୍ୟାୟ ଏବଂ ବିଚାରର ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ଅଧିକାର ତଥା ମହମ୍ମଦ ଅହମ୍ମଦ ଖାନ-ବିପକ୍ଷ -ଶାହ ବାନୋ ବେଗମ କେସରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଇଥିଲେ।

## 'ରେଳ ସଦନ'ଠାରେ ଏକ ପ୍ରତିରକ୍ଷା ପେନସନ ଅଦାଲତ

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟାଳୟସମାଧାନ ଆୟୋଜନ' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସେନା ଏବଂ ପ୍ରତିରକ୍ଷା ଆକାଉଣ୍ଟସ୍ ମହାନିୟନ୍ତ୍ରକ ବା ସିଜିଡିଏଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବିଶେଷ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସଶସ୍ତ୍ର ବାହିନୀର ଅବସରପ୍ରାପ୍ତ ସୈନିକ ଏବଂ ଭେଟେରାନମାନଙ୍କ ପେନସନ ଜନିତ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସଠିକ୍ ସମାଧାନ କରିବା। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲେଫ୍ଟନାଣ୍ଟ ଜେନେରାଲ ଅନିନ୍ଦ୍ୟ ସେନଗୁପ୍ତ, ପ୍ରତିରକ୍ଷା ଆକାଉଣ୍ଟସ୍ ମହାନିୟନ୍ତ୍ରକ ଏବଂ ମଧ୍ୟ ଭାରତ ଏରିଆର ଜେନେରାଲ ଅଫିସର କମାଣ୍ଡିଂ ଲେଫ୍ଟନାଣ୍ଟ ଜେନେରାଲ ଏଚ୍.ଏସ୍. ବାନ୍ଦ୍ରାଙ୍କ ସମେତ ସେନା ଓ ସିଜିଡିଏର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦେଶର ବୀର ସୈନିକ ତଥା ସେମାନଙ୍କ ପରିବାରର କଲ୍ୟାଣ ଏବଂ ପେନସନ ସମସ୍ୟାର ତ୍ୱରିତ ନିରାକରଣ ପାଇଁ ପ୍ରତିରକ୍ଷା ବିଭାଗ କେତେ ପ୍ରତିବଦ୍ଧ, ତାହା ଏହି ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଉପସ୍ଥିତିରୁ ପ୍ରମାଣିତ ହୋଇଛି। ଶିବିର ଚାଲିଥିବା ସମୟରେ ବହୁ ସଂଖ୍ୟାରେ ପୂର୍ବତନ ସୈନିକଙ୍କ ଅଭିଯୋଗର ସମୀକ୍ଷା କରାଯିବା ସହ ଉଭୟ ବିଭାଗର ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଅନେକ ଜଟିଳ ମାମଲାର ଘଟଣାସ୍ଥଳରେ ହିଁ ସମାଧାନ କରିଥିଲେ। ବିଶେଷ କରି ବିଚାରାଧୀନ ମାମଲାଗୁଡ଼ିକର ଦ୍ରୁତ ସେଟଲମେଣ୍ଟ, ସରଳ କାର୍ଯ୍ୟପନ୍ଥା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସହଯୋଗ ଉପରେ ଏଠାରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

## ପୁରୁଣା ଭୁବନେଶ୍ୱରରେ ଚାରାରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର : ସେବା ପ୍ରତିନିଧିର ମୁଖ୍ୟ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ୟୁରୋସ୍କାଟ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ଗହଣରେ ଲିଙ୍ଗରାଜ ଥାନା ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏଠାରେ ଚାରାରୋପଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ୩୦୦ରୁ ଅଧିକ ଗଛ ଲଗାଇ ପୁରୁଣା ଭୁବନେଶ୍ୱର ରଥରୋଡ ଓ ତାହାର ଆଖପାଖରେ ଲଗାଇ ଖ୍ୟାତି ଅର୍ଜନ କରିଥିବା ଦିବ୍ୟଶଙ୍କର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଶୋକ କୁମାର ମହାରଣା, ତାରାଚରଣ ଆଚାର୍ଯ୍ୟ, ସତ୍ୟନାରାୟଣ ମିଶ୍ର ଓ ଉଲ୍ଲାସଚନ୍ଦ୍ର ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ।

## ଜାତୀୟ ମତ୍ସ୍ୟଚାଷୀ ଦିବସ -୨୦୨୬

## ମତ୍ସ୍ୟଚାଷ ପ୍ରୋତ୍ସାହନ ଉପରେ ଗୁରୁତ୍ୱ



ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ୧୯୫୭ ମସିହାରେ ବିଶିଷ୍ଟ ବୈଜ୍ଞାନିକ ଡଃ ହୀରାଲାଲ ଚୌଧୁରୀ ଏବଂ ଡଃ କେ.ଏଚ୍. ଅଲିକୁନହିଙ୍କ ଦ୍ୱାରା ଭାରତୀୟ ମେଜର କାର୍ପସ ମାଛର ସଫଳ କୃତ୍ରିମ ପ୍ରଜନନର ସ୍ମୃତି ଚାରଣ ପାଇଁ ପ୍ରତିବର୍ଷ ୧୦ ଜୁଲାଇକୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଭାବେ ପାଳନ କରାଯାଇଥାଏ। ରାଜ୍ୟରେ ମତ୍ସ୍ୟ ଚାଷର ଉନ୍ନତି ଏବଂ ମତ୍ସ୍ୟଚାଷୀଙ୍କ ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ଓ ପ୍ରଧାନ ମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଭଳି ପ୍ରାୟ ୧୪ଟି ଯୋଜନା ଚାଲିଛି। ଆଜିର କାର୍ଯ୍ୟକ୍ରମରେ ଏହି ସବୁ ଯୋଜନା ଗୁଡିକର ସଫଳ ରୂପାୟନ ସମ୍ବନ୍ଧରେ ଚର୍ଚ୍ଚା କରାଯାଇଥିଲା । ମତ୍ସ୍ୟଚାଷୀ ଓ ମତ୍ସ୍ୟ ଅଧିକାରୀଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ ଅଂଶଗ୍ରହଣ କରିଥିଲେ। ମତ୍ସ୍ୟ ଅଧିକାରୀ ଓ ବୈଜ୍ଞାନିକଗଣ ମତ୍ସ୍ୟ ପାଳନର ବିଭିନ୍ନ ତତ୍ତ୍ୱ ପ୍ରଦାନ କରିଥିବାବେଳେ ଚାଷୀମାନେ ନିଜ ନିଜର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଶେଷରେ ଜିଲ୍ଲାର ୪ଜଣ ସଫଳ ମତ୍ସ୍ୟଚାଷୀଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ତୁଷାରେନ୍ଦୁ ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ ପ୍ରକାଶ ରାଓ, ସହକାରୀ ଅଧ୍ୟାପକ ଡ. ଅରବିନ୍ଦ ଉପାଧ୍ୟାୟ, ଉଦ୍ୟାନ ବୈଜ୍ଞାନିକ ଡ. ସୁଶ୍ରୀ ଚୌଧୁରୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୋନାଲି ସ୍ୱାଇଁ, ଓଡ଼ିଶା ଜୀବିକା ମିଶନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନାଗବସ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ର ବ୍ଲକ ଟପ୍ପର

ନିମାପଡ଼ା,(ନି.ପ୍ର.): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ସାହିତ୍ୟ ପ୍ରତିଯୋଗୀତାରେ ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ୨ ଜଣ ଛାତ୍ର କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, କବିତା ଆବୃତ୍ତି ଏବଂ ସାହିତ୍ୟ ସଂପର୍କିତ ସାଧାରଣ ଜ୍ଞାନ ସହିତ ଇଂରାଜୀ ଶୀର୍ଷକ ସଂସ୍କରଣକୁ ଓଡ଼ିଆରେ ପ୍ରସ୍ତୁତ କରି ବ୍ଲକ୍ ସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରତିଯୋଗୀତା ପୋଲିସ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ପୁରୀ ପରିସରରେ ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ବ୍ଲକ୍ ଅଧୀନସ୍ଥ ନାଗବସ୍ତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସତ୍ୟଜିତ ଦଳବେହେରା କବିତା ଆବୃତ୍ତି ଏବଂ ନବମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ଦାଶ ଓଡ଼ିଆ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ୍ ପାଇଁ ଗୌରବାନ୍ୱିତ ହୋଇଛନ୍ତି ।

## ଭୀଷଣ ବର୍ଷା ନେଇ ୧୩ ରୁ ୧୭ ତାରିଖ ସକାଳ ପର୍ଯ୍ୟନ୍ତ କେତେକ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର : ଭୀଷଣ ବର୍ଷା ନେଇ ଆଗାମୀ ୧୩ ତାରିଖ ସକାଳ ଠାରୁ ୧୭ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଭୀଷଣ ବର୍ଷା ନେଇ ୧୩ ରୁ ୧୪ ତାରିଖ ସକାଳ ସୁଦ୍ଧା ୨ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଭୀଷଣ ବର୍ଷା ନେଇ ୧୪ ରୁ ୧୫ ତାରିଖ ସକାଳ ସୁଦ୍ଧା ୨ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୫ ରୁ ୧୬ ତାରିଖ ସକାଳ ସୁଦ୍ଧା ୩ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୬ ରୁ ୧୭ ତାରିଖ ସକାଳ ସୁଦ୍ଧା ୩ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଜିଲ୍ଲାସ୍ତରୀୟ ୭୭ତମ ବନମହୋତ୍ସବ

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଟାଉନ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ୭୭ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି ବନମହୋତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ,ସମ୍ମାନୀତ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର,ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦୁ ସିଂଦେଓ,ଅତିରିକ୍ତ ଜିଲାପାଳ ତନ୍ମୟ କୁମାର



ଦରୱାନ,ଭବାନୀପାଟଣା ବିଡ଼ିଓ ଚନ୍ଦନ ଭୋଇ,ସ୍ଥାନୀୟ ପ୍ରଧାନ ଶିକ୍ଷକ ଗୋରେଖ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସ୍କୁଲ ପରିସରରେ ବୃକ୍ଷ ରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ଗଛର ମହତ୍ୱ ଉଦ୍ଦେଶ୍ୟ ଉପରେ କହି‌ଲେ। ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ଦୀଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାର ନର୍ଲା ରେଞ୍ଜର ପୁଜିଲଡୁ ଓ ଜୁନାଗଡ଼ ରେଞ୍ଜର ସୁରୁଗୁଡା ଆଦି ବନ ସଂରକ୍ଷଣ ସମିତିକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ୫୦ ହଜାର ଟଙ୍କାର ଚେକ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# 'କେନ୍ଦୁଝରର ଜୁଆଙ୍ଗ ମୃତ୍ୟୁ ଘଟଣା : ରାଜ୍ୟର ୧୩ ଆଦିମ ଜନଜାତି ଅବହେଳିତ'

କେନ୍ଦୁଝର,(ନିପ୍ର): ସୁଦୂର ତାମିଲନାଡୁରେ ଥିବା ଏକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ହୋଇଥିବା ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଗୁରୁବାର କେନ୍ଦୁଝର ଜିଲ୍ଲରେ ତେଲକୋଇ,ବାଂଶପାଳ ଓ ହରିଚନ୍ଦନପୁର ଗସ୍ତ କରି ମୃତ୍ୟୁବରଣ କରିଥିବା ବାଳିକାଙ୍କ ପରିବାରବର୍ଗଙ୍କୁ ଭେଟିବା ପରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଭେଟିବା ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ କେନ୍ଦୁଝର ରୋଟାରୀ କ୍ଲବ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି କେନ୍ଦୁଝର ଜିଲ୍ଲାର ଦୁଇଗୋଟି ଘଟଣା ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା ଓ ୧୫ଜଣ ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଆଲୋଡନ ଖେଳାଇ ଦେଇଥିବାବେଳେ ପ୍ରଶାସନ କେନ୍ଦୁଝର ଜିଲ୍ଲାରେ ବିଫଳ ହୋଇଛି ବୋଲି ପ୍ରକାଶ କରିଥିଲେ। ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତର ଭାବେ ନେଇ ତାଙ୍କ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବା ପାଇଁ ବିଜେଡି ଦାବୀ କରିଛି । ରାଜ୍ୟରେ ଥିବା ୧୩ଗୋଟି ଆଦିମ ଜନଜାତି ଆଜି ବିଶେଷ ଭାବରେ ଅବହେଳିତ ଅବସ୍ଥାରେ ଥିବାବେଳେ କୁବେରପୁରୀ କେନ୍ଦୁଝରରେ ଦାରିଦ୍ର୍ୟ ସୀମା ଲଂଘନ କରିଛି । କେନ୍ଦୁଝର ଜିଲ୍ଲାର ଏହି ଜୁଆଙ୍ଗ ଜନଜାତିମାନଙ୍କ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ଜୁଆଙ୍ଗ ଉନ୍ନୟନ ସଂସ୍ଥା,ମନରେଗା ଯୋଜନା,ଭିବିଜି-ରାମଜି, ଜିବୀକା ମିଶନ,ବ୍ଲକ ପ୍ରଶାସନ,ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦି ବିଫଳ ହୋଇଥିବା କଥା ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର ୧୪ଜଣ ଜୁଆଙ୍ଗ ବାଳିକା ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଜଣେ ବାଳିକାଙ୍କ ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ସ୍କୁଲ ଯିବା କଥା ସେମାନେ ଦାଦନ ଖଟିବାକୁ ଯାଇଥିବାବେଳେ କେତେ ଜଣ ଜୁଆଙ୍ଗ ଦାଦନ ଖଟିବାକୁ ଯାଇଛନ୍ତି,କେତେ ଜଣଙ୍କର ଶବ ଫେରିଛି, କେତେଜଣ ଚିକିତ୍ସିତ ହେଉଛନ୍ତି ଆଉ କେତେ ଜଣ ଅଛନ୍ତି ତାହା ରାଜ୍ୟବାସୀ ଜାଣିବାର ଅଧିକାର ଅଛି ବୋଲି ଶ୍ରୀ ଦାମବର୍ମା କହିଛନ୍ତି । ଡବଲ ଇଂଜିନ ସରକାର ପ୍ରତ୍ୟେକଟି କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସେ କହିଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଶତକଡା ୯୦ପ୍ରତିଶତ ଜୁଆଙ୍ଗ ଗ୍ରାମକୁ ଯାଇନାହାନ୍ତି ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଅଭିଯୋଗ କରିଥିଲେ । ଜିତୁ ମୁଣ୍ଡା ଘଟଣା ସହ ଜୁଆଙ୍ଗଙ୍କ ମୃତ୍ୟୁ ପ୍ରମାଣିତ କରିଛି ଯେ, ରାଜ୍ୟରେ ଓ କେନ୍ଦୁଝର ଜିଲ୍ଲାରେ ବ୍ୟବସ୍ଥା ବିଫଳ ହୋଇଛି । କେବଳ ପ୍ରଚାରରେ ଦେଶ ବା ରାଜ୍ୟର ବିକାଶ ହୁଏ ନାହିଁ,ଏଥିପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ବୋଲି ସେ କହିଥିବାବେଳେ ଜୁଆଙ୍ଗମାନଙ୍କୁ ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ସେ ଦାବୀ କରିଥିଲେ । କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ ଜୁଆଙ୍ଗ ଗାଁ ମାନଙ୍କୁ ସବୁଦିନିଆ ରାସ୍ତା ହେବା ଆବଶ୍ୟକ । ଅତୀତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସବୁଦିନିଆ ରାସ୍ତା ହୋଇଥିବାବେଳେ ଏବେ ବର୍ଷାରେ କଟ୍ ଅଫ ହୋଇଥିବା ଗାଁ ଗୁଡିକ ପ୍ରତି ସରକାର ଦୃଷ୍ଟି ଦଇ ଯୁଦ୍ଧକାଳୀନ ଭାବରେ ରାସ୍ତା କରିବା ଆବଶ୍ୟକ । ବାଂଶପାଳ ବ୍ଲକର ରାଇଗୋଡା ଗ୍ରାମର ଜଣେ ୫ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ କରିବା ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଘୋର ଉଦବେଗ ପ୍ରକାଶ କରି କହିଥିଲେ ଯେ, ପିଡୀତାଙ୍କୁ ଭେଟିବାକୁ ଏହି ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବାବେଳେ ବେଡ ଅଭାବରୁ ସେ ତଳେ ଚିକିତ୍ସିତ ହେଉଛନ୍ତି ବୋଲି ଦେଖିବାକୁ ପାଇଥିଲେ ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରୀ ରାୟ କହିଥିଲେ ଯେ, ରାଜ୍ୟରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡି ପଡିଛି । ଏହୀ ସାମ୍ବାଦିକ ସମ୍ମିଳନୀରେ ସୋର ବିଧାୟକ ମାଧବ ଧଡା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ,ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର,ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ,ମୟୁରଭଞ୍ଜ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଦେବାଶିଷ ମାରାଣ୍ଡି,ଧନୁର୍ଜୟ ସିଦ୍ଧୁ,ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ,ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ,ମୀନା ମାଝୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୃତ୍ୟୁବରଣ କରିଥିବା ଜୁଆଙ୍ଗ ପରିବାରଙ୍କୁ ବିଜେଡି ପକ୍ଷରୁ ୨୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।

ତିଥି :(ଏକାଦଶୀ): (କୃତ୍ତିକା ବୃଷ)
ଅମୃତ ବେଳା: ଦିବା ଘ ୨।୫୪ ଗତେ ଘ ୫।୧୮ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ଅର୍ଜୁନ ! ମୁଁ ସମସ୍ତ ପ୍ରାଣୀଙ୍କର ବୀଜ, କାରଣ ମୋ ବିନା କୌଣସି ଚରାଚର ପ୍ରାଣୀ ନାହିଁ ଅର୍ଥାତ୍ ଚର ଓ ଅଚର ସବୁକିଛି ମୁଁ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସଡ଼କ ଶୃଙ୍ଖଳା

ରାଜ୍ୟରେ ସଡ଼କ ଦୁର୍ଘଟଣା ବଢୁଛି, ଦିନକୁ ଦିନ ଉଦ୍‌ବେଗର କାରଣ ସାଜୁଛି। ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଗ୍ରହଣ କରିଥିବା କଡ଼ା ଆଭିମୁଖ୍ୟ ଅନୁଯାୟୀ ବିନା ଫିଟ୍‌ନେସ ପ୍ରମାଣପତ୍ର, ଅବୈଧ ପଂଜୀକରଣ, ପରମିଟ୍ ଅବଧି ଶେଷ ଓ ବିନା ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ ଜବତ କରାଯିବ। ଏହାର ନିଶ୍ଚୟ ଗୁରୁତ୍ୱ ରହିଛି। ତେବେ ଆଲୋଚ୍ୟ କାରଣଗୁଡ଼ିକ ହେତୁ ସଡ଼କ ଦୁର୍ଘଟଣା ଯେ ଘଟୁଛି ତାହା ନୁହେଁ, ଅଧିକନ୍ତୁ ଏ କ୍ଷେତ୍ରରେ ଅନ୍ୟାନ୍ୟ କାରଣ ପ୍ରତି କର୍ତ୍ତୃପକ୍ଷ ଉଦାସୀନ ରହୁଥିବା ମନେ ହେଉଛି। ଯଦି ଗାଡ଼ିଚାଳକ ଗାଡ଼ିଚାଳନାରେ ଅନଭିଜ୍ଞ ଥାଆନ୍ତି ଓ ବେପରୁଆ ଚାଳନା କରୁଥାଆନ୍ତି ମଦ୍ୟ ଅବା ଅନ୍ୟାନ୍ୟ ନିଶା ସେବନ କରିଥାନ୍ତି ତେବେ ସେ କ୍ଷେତ୍ରରେ ଦୁର୍ଘଟଣା ଆଶଙ୍କା ବରାବର ବଳବତ୍ତର ରହେ। ସୁତରାଂ ସେମାନଙ୍କୁ ସାବାଡ଼ କରିବାରେ କର୍ତ୍ତୃପକ୍ଷଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିତାନ୍ତ ଦରକାର। ଗାଡ଼ିଚାଳନା ବେଳେ ହେଲମେଟ୍‌ଟିଏ ପିନ୍ଧିବା ଦରକାର। ପଛରେ ବସିଥିବା ଆରୋହୀଙ୍କ ପାଇଁ ମଧ୍ୟ ଏହା ଲୋଡ଼ା। ଚାରିଚକିଆରେ ସିଟ୍ ବେଲ୍‌ଟ ବ୍ୟବହାର କରିବାକୁ ହେବ। ଏଭଳି ନାନା ନିୟମ ମାନିବାକୁ ହେବ। ନିୟମ ପାଳନବେଳେ ଲକ୍ଷ୍ୟ କରିବାକୁ ହେବ ଯେ ମାନବାଧିକାର କ୍ଷୁଣ୍ଣ ହେଉନାହିଁ ତ ! କହିବାର କଥା ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଧରପଗଡ଼ବେଳେ ଲୋକେ ଉତ୍ପୀଡ଼ିତ ହେବା ଅନୁଚିତ। ସାଧାରଣ ବୁଲାବେପାରୀ ତାର ସାମଗ୍ରୀ ନେଇ ଦୁଇ ଚକିଆରେ ଗାଁ ବା ସହରାଞ୍ଚଳ ଯାଇଥାଏ। ଚାଷୀଟିଏ ପନିପରିବା ନେଇ ପାଖ ହାଟକୁ ଯାଇଥାଏ। ସେହିଭଳି ସ୍କୁଲ, କଲେଜକୁ ପିଲାଏ ଯାଇଥାନ୍ତି ବା ସେମାନଙ୍କ ଅଭିଭାବକ ଗାଡ଼ିରେ ନେଇ ପିଲାଙ୍କୁ ଛାଡ଼ିଥାଆନ୍ତି। ଏଭଳି ସ୍ଥିତିରେ ନିୟମକୁ କଠୋର ଭାବରେ ପ୍ରୟୋଗ କରିବା ବା ସିସିଟିଭି ଆଧାରରେ ଚାଲାଣ କାଟିବା ଦ୍ୱାରା ସାଧାରଣ ଜନଜୀବନ ଆତଙ୍କ ଭିତରକୁ ଠେଲି ହୋଇଯାଏ। ନିୟମ କାର୍ଯ୍ୟକାରୀ ହେଉ ମାତ୍ର ସେଥିରେ ସତର୍କତା, ସଚେତନତା ଓ ମଣିଷପଣିଆକୁ ଗୁରୁତ୍ୱ ଦିଆଯାଉ। ଆଇନକୁ କଠୋର କରିଦେଲେ ସବୁକିଛି ହୋଇଯାଏନା।ସେପରି ହୋଇଥିଲେ ସବୁକିଛି ଠିକ୍‌ଠାକ ଚାଲିଥାଆନ୍ତା,ମୋଟେ ଅସୁବିଧା ଉପୁଜୁନଥାନ୍ତା। ସଡ଼କ ସୁରକ୍ଷା ଏକ ସମନ୍ୱିତ ବ୍ୟବସ୍ଥା। ସମସ୍ତଙ୍କ ଦାୟିତ୍ୱ ରହିଛି ଏ ଦିଗରେ। ତେବେ ସାଧାରଣ ଜନଜୀବନ ସର୍ବସାଧାରଣ ରାସ୍ତାରେ ଆତଙ୍କ ଭିତରକୁ ଠେଲି ହୋଇଯିବା ଉଚିତ ନୁହେଁ।

ଏହା ପରେ ଆଉ ଏକ ଦିଗ ସାମ୍ନାକୁ ଆସେ। ତାହା ହେଉଚି ଭଲ ରାସ୍ତା। ଗାଁଠୁ ସହର ପର୍ଯ୍ୟନ୍ତ ରାସ୍ତାର ସ୍ଥିତି ସବୁଠାରେ ଉନ୍ନତମାନର ରହିଛି ତାହା ଦାବି କରିହେବନାହିଁ। ରାସ୍ତାର ଦୁରବସ୍ଥା ନେଇ ଗଣମାଧ୍ୟମରେ ଦୃଶ୍ୟ ହେଉ କି ଖବର ତାହା ବାରବାର ଚର୍ଚ୍ଚିତ ହୋଇଆସୁଛି। ସୁତରାଂ ଏହାକୁ ଅଣଦେଖା କରାଯାଉଛି କି ନାହିଁ ସେନେଇ ପ୍ରଶ୍ନ ଉଠୁଛି। ସଡ଼କ ପରିବହନ କ୍ଷେତ୍ରରେ ମୌଳିକ ଭିତ୍ତିଭୂମିରେ ସ୍ୱଚ୍ଛତା ଆଗ। ସୁରକ୍ଷା ଉଲ୍ଲଂଘନ କରୁଥିବା ବେପରୁଆଙ୍କ କ୍ଷେତ୍ରରେ କଠୋର ହେବାରେ ପ୍ରାଥମିକତା ଆଗ ଦିଆଯାଉ। ସର୍ବୋପରି ସଡ଼କ ନିରାପତ୍ତା ନାଗରିକ କୈନ୍ଦ୍ରିକ ହେଉ। ଏହାଦ୍ୱାରା ସଚେତନତା ବଢିବ। ଶୃଙ୍ଖଳା ମଧ୍ୟ ବାଟ ପାଇପାରିବ।

# କୋଣଠେସା

## ଅମାତ୍ୟ କୁମାର ପ୍ରଧାନ

କୋଣଠେସାର ସବୁଠାରୁ ବଡ଼ ପ୍ରଭାବ ପଡ଼େ ବ୍ୟକ୍ତିର ମନୋବଳ ଉପରେ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଯୋଗ୍ୟତା, ଅଭିଜ୍ଞତା ଓ ପ୍ରତିଭା ସତ୍ତ୍ୱେ ସୁଯୋଗ ପାଆନ୍ତି ନାହିଁ, ସେତେବେଳେ ତାଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଏ। କାର୍ଯ୍ୟଦକ୍ଷତା କମିଯାଏ, ନିରାଶା ବଢ଼ିଥାଏ ଏବଂ ଅନେକ କ୍ଷେତ୍ରରେ ମାନସିକ ଅବସାଦ ଦେଖାଦେଇଥାଏ। ଅବହେଳା ଏକ ଅଦୃଶ୍ୟ ଆଘାତ, ଯାହା ଶରୀରକୁ ନୁହେଁ, ମଣିଷର ସ୍ୱାଭିମାନକୁ କ୍ଷତବିକ୍ଷତ କରିଥାଏ।

ଇତିହାସ ଓ ପୌରାଣିକ କଥା ଦେଖିଲେ ଜଣାପଡ଼େ ଯେ କୋଣଠେସା କେବଳ ବେଦନାର କାରଣ ନୁହେଁ; ଏହା ପରିବର୍ତ୍ତନର ମୂଳ ଶକ୍ତି ମଧ ହୋଇପାରେ। ମହାଭାରତର କର୍ଣ୍ଣ ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ଅସାଧାରଣ ବୀରତ୍ୱ ଓ ଧନୁର୍ବିଦ୍ୟାରେ ପାରଙ୍ଗମ ହୋଇଥିଲେ ମଧ ଜନ୍ମ ପରିଚୟ ଯୋଗୁଁ ସେ ସମାଜରେ ଯଥୋଚିତ ସମ୍ମାନ ପାଇନଥିଲେ ଓ ଶେଷ ପର୍ଯ୍ୟନ୍ତ କୋଣ ଠେସା ହୋଇ ରହିଗଲେ । ତାଙ୍କ ପ୍ରତି ହୋଇଥିବା ଉପେକ୍ଷା ତାଙ୍କୁ ଦୁର୍ଯ୍ୟୋଧନଙ୍କ ପ୍ରତି ଅତ୍ୟଧିକ କୃତଜ୍ଞ ଓ ନିଷ୍ଠାବାନ କରିଦେଇଥିଲା। ଫଳସ୍ୱରୂପ ଏକ ମହାନ ପ୍ରତିଭା ଇତିହାସର ଏକ ବିବାଦୀୟ ପକ୍ଷରେ ଠିଆ ହୋଇଗଲା। କର୍ଣ୍ଣଙ୍କ କାହାଣୀ ଆମକୁ ଶିଖାଏ ଯେ ଅବହେଳା କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ,



ତାଙ୍କ ଜୀବନର ଦିଗକୁ ବଦଳାଇବା ସହ ଏକ ଇତିହାସକୁ ଅନ୍ୟ ପ୍ରକାରେ ଲେଖିବାର ସାମର୍ଥ୍ୟ ରଖେ । ପୁରାଣର ଏକଲବ୍ୟ,ବିଦୁର ମଧ ଏହାର ଜ୍ୱଳନ୍ତ ଉଦାହରଣ ।'ଇତିହାସ ସାକ୍ଷୀ ଯେ, ପ୍ରକୃତ ପ୍ରତିଭା ଓ ସତ୍ୟନିଷ୍ଠା ସବୁବେଳେ ତୁରନ୍ତ ସ୍ୱୀକୃତି ପାଏ ନାହିଁ। ଏକଲବ୍ୟଙ୍କ ପ୍ରତିଭାକୁ ସାମାଜିକ ବ୍ୟବସ୍ଥା ଦମନ କରିଥିଲା, ବିଦୁରଙ୍କ ନୀତିପୂର୍ଣ୍ଣ ପରାମର୍ଶକୁ ଅବହେଳା କରାଯାଇଥିଲା, ଜଗଦୀଶ ଚନ୍ଦ୍ର ବୋଷ ଓ ରାମାନୁଜନଙ୍କ ଅବଦାନ ବିଳମ୍ବରେ ସ୍ୱୀକୃତି ପାଇଥିଲା। କାରଣ ସମାଜ ଅନେକ ସମୟରେ ଯୋଗ୍ୟତା ଠାରୁ ପ୍ରତିଛବିକୁ, ସତ୍ୟଠାରୁ ସୁବିଧାକୁ ଏବଂ ଚରିତ୍ର ଠାରୁ ଚାଟୁକାରିତାକୁ ଅଧିକ ମୂଲ୍ୟ ଦିଏ। କିନ୍ତୁ ସମୟ ଶେଷରେ ପ୍ରଚାରକୁ ନୁହେଁ, ପ୍ରକୃତ ଅବଦାନକୁ ହିଁ ସ୍ୱୀକୃତି ଦିଏ।' ଆଧୁନିକ ଇତିହାସରେ ମଧ ଏପରି ଅନେକ ଉଦାହରଣ ରହିଛି। ଦକ୍ଷିଣ ଆଫ୍ରିକାରେ ଜାତିଭେଦର ଅପମାନ ମହାତ୍ମା ଗାନ୍ଧୀଙ୍କୁ ସତ୍ୟାଗ୍ରହ ଓ ଅହିଂସାର ନୂତନ ପଥ ଦେଖାଇଥିଲା। ନେଲସନ ମଣ୍ଡେଲା ବର୍ଣ୍ଣବୈଷମ୍ୟର ଶିକାର ହୋଇ ୨୭ ବର୍ଷ କାରାବାସ ଭୋଗିଥିଲେ, କିନ୍ତୁ ସେହି ଅନ୍ୟାୟ ବିରୋଧରେ ତାଙ୍କ ସଂଘର୍ଷ ଶେଷରେ ଦକ୍ଷିଣ ଆଫ୍ରିକାରେ ଗଣତନ୍ତ୍ର ଓ ସମାନ ଅଧିକାରର ସ୍ଥାପନା କରିଥିଲା। ବାବାସାହେବ ଆମ୍ବେଦକରଙ୍କ ଜୀବନ ମଧ ଏହାର ଆଉ ଏକ ଉଦାହରଣ। ଜାତିଭେଦ ଜନିତ ଉପେକ୍ଷାକୁ ଅଙ୍ଗେ ନିଭାଇଥିବା ଏହି ମହାନ ବ୍ୟକ୍ତି ଭାରତର ସଂବିଧାନ ରଚନା କରି ସାମାଜିକ ନ୍ୟାୟର ନୂତନ ଅଧ୍ୟାୟ ଆରମ୍ଭ କରିଥିଲେ। ଏହି ସମସ୍ତ ଉଦାହରଣ ଗୋଟିଏ ସତ୍ୟକୁ ସ୍ପଷ୍ଟ କରେ—ପ୍ରତିଭାକୁ ଦମନ କରାଯାଇପାରେ, କିନ୍ତୁ ସର୍ବଦା ପାଇଁ ଅଟକାଇ ରଖାଯାଇପାରେ ନାହିଁ। ଉପେକ୍ଷିତ ବ୍ୟକ୍ତି ବେଳେବେଳେ ସମାଜର ସବୁଠାରୁ ବଡ଼ ପରିବର୍ତ୍ତନର ସୂତ୍ରଧାର ହୋଇଥାନ୍ତି। କୋଣଠେସା ଯଦି ନିରାଶାରେ ପରିଣତ ହୁଏ, ତେବେ ଏହା ବ୍ୟକ୍ତି ଓ ସମାଜ ଉଭୟଙ୍କ ପାଇଁ କ୍ଷତିକାରକ। କିନ୍ତୁ ଯଦି ଏହା ସକାରାତ୍ମକ ଶକ୍ତିରେ ପରିଣତ ହୁଏ, ତେବେ ଏହା ଇତିହାସ ରଚନା କରିପାରେ। ତେଣୁ ଯେକୌଣସି ସୁସ୍ଥ ସମାଜ ଓ ସୁଦୃଢ଼ ବ୍ୟବସ୍ଥାର କର୍ତ୍ତବ୍ୟ ହେଉଛି ଯୋଗ୍ୟତାକୁ ଦଳ, ଜାତି, ବୟସ କିମ୍ବା ଆନୁଗତ୍ୟର ମାପକାଠିରେ ନୁହେଁ, ବରଂ କ୍ଷମତା ଓ ଅବଦାନର ଆଧାରରେ ମୂଲ୍ୟାୟନ କରିବା। କାରଣ ଯେଉଁଠାରେ ପ୍ରତିଭାକୁ ସମ୍ମାନ ମିଳେ, ସେଠାରେ ପ୍ରଗତି ହୁଏ; ଆଉ ଯେଉଁଠାରେ ପ୍ରତିଭା କୋଣଠେସା ହୁଏ, ସେଠାରେ ଅସନ୍ତୋଷ ଓ ଅପଚୟ ଜନ୍ମ ନେଇଥାଏ। ସମାଜର ଉନ୍ନତି ପାଇଁ ଆବଶ୍ୟକ ହେଉଛି ଅବହେଳାର ସଂସ୍କୃତି ନୁହେଁ, ବରଂ ସମ୍ମାନ ଓ ସମାବେଶର ସଂସ୍କୃତି। କାରଣ ଆଜିର କୋଣଠେସା ମଣିଷ ହିଁ ଆସନ୍ତାକାଲିର ପରିବର୍ତ୍ତନର ନାୟକ ହୋଇପାରନ୍ତି।

ସାଇ ବିହାର,ସୁନ୍ଦରଗଡ଼
ମୋ- ୯୪୩୭୨୧୯୬୧୩

# ସଂଘର୍ଷ, ଚୁକ୍ତିର ବିଫଳତା ଏବଂ ବିଶ୍ୱ ରାଜନୀତିରେ ହଲଚଲ୍

**ଏହି ସଂଘର୍ଷ ଯଦି ଦୀର୍ଘସ୍ଥାୟୀ ରୂପ ନିଏ, ତେବେ ଏହା ତୃତୀୟ ବିଶ୍ୱଯୁଦ୍ଧର କାରଣ ସାଜିପାରେ ବୋଲି ଅନେକ ଅନ୍ତର୍ଜାତୀୟ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରୁଛନ୍ତି। ଇରାନ ଏବେ ଏକ ନୂଆ ସାମରିକ ନୀତି ଆପଣେଇଛି, ଯେଉଁଥିରେ ସେ ଆମେରିକା ଏବଂ ଆମେରିକାର ସହଯୋଗୀ ଆରବ ଦେଶଗୁଡ଼ିକ (ଯେପରିକି ସାଉଦି ଆରବ ଓ ୟୁଏଇ) ମଧ୍ୟରେ କୌଣସି ପାର୍ଥକ୍ୟ ରଖିବ ନାହିଁ ବୋଲି ଚେତାବନୀ ଦେଇଛି।**
**ଭାରତ ପାଇଁ ଚିନ୍ତା:**
**ଭାରତ ପାଇଁ ଏହି ସ୍ଥିତି ବେଶ୍ ଚିନ୍ତାଜନକ। ପ୍ରଥମତଃ, ଭାରତ ନିଜର ଅଧିକାଂଶ ତେଲ ଆବଶ୍ୟକତା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆମଦାନି କରିଥାଏ। ତେଲ ଦର ବଢ଼ିଲେ ଭାରତରେ ମୁଦ୍ରାସ୍ଫୀତି ବା ମହଙ୍ଗା ପରିସ୍ଥିତି ସୃଷ୍ଟି ହେବ। ଦ୍ୱିତୀୟତଃ, ଇରାନର ଚାବାହାର ବନ୍ଦରରେ ଭାରତର ବଡ଼ ନିବେଶ ରହିଛି, ଯାହା ଏହି ଯୁଦ୍ଧ ଯୋଗୁଁ ପ୍ରଭାବିତ ହେବାର ସମ୍ଭାବନା ରହିଛି।**

## ଉମା ଶଙ୍କର ପ୍ରସାଦ

ବର୍ତ୍ତମାନ ସମୟରେ ବିଶ୍ୱ ରାଜନୀତିର ସବୁଠାରୁ ଚର୍ଚ୍ଚିତ ଏବଂ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସାମରିକ ଓ ରାଜନୈତିକ ସଂଘର୍ଷ। ଗତ କିଛି ମାସ ଧରି ଦୁଇ ଦେଶ ମଧ୍ୟରେ ଚାଲିଥିବା ତିକ୍ତତା ବର୍ତ୍ତମାନ ଏକ ଭୟଙ୍କର ସ୍ଥିତିରେ ପହଞ୍ଚିଛି। ୨୦୨୬ ମସିହାରେ ଆରମ୍ଭ ହୋଇଥିବା ଏହି ସାମରିକ ଯୁଦ୍ଧ ମଧ୍ୟରେ ଏକ ଅସ୍ଥାୟୀ ଶାନ୍ତି ଚୁକ୍ତି ବା ଅସ୍ତ୍ରବିରତି ହୋଇଥିଲେ ସୁଦ୍ଧା, ଜୁଲାଇ ମାସର ଏହି ବର୍ତ୍ତମାନର ସ୍ଥିତିରେ ସେହି ଚୁକ୍ତି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅସ୍ତ୍ରବିରତି ଶେଷ ହୋଇଥିବା ଘୋଷଣା କରିବା ସହ ଇରାନ ଉପରେ ପୁନର୍ବାର ଆକ୍ରମଣକୁ ଜୋର୍‌ଦାର କରିଛନ୍ତି, ଯାହା ସାରା ବିଶ୍ୱକୁ ଚିନ୍ତାରେ ପକାଇଛି।

ଏହି ସଂଘର୍ଷର ପୃଷ୍ଠଭୂମି ଓ 'ଅପରେସନ୍ ଏପିକ୍ ଫ୍ୟୁରି' ୨୦୨୬ ଫେବୃଆରୀ ୨୮ ତାରିଖରେ ଏହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ନେଇଥିଲା। ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ 'ଅପରେସନ୍ ଏପିକ୍ ଫ୍ୟୁରି' ନାମକ ଏକ ବଡ଼ ଧରଣର ସାମରିକ ଅଭିଯାନ ଆରମ୍ଭ କରିଥିଲେ। ଏହି ଆକ୍ରମଣର ପ୍ରଥମ ପର୍ଯ୍ୟାୟରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ



ଘଟିଥିଲା। ଏହା ପରେ ଇରାନ ପ୍ରତିଶୋଧ ପରାୟଣ ହୋଇ ଆମେରିକାର ସାମରିକ ଘାଟି ଏବଂ ଇସ୍ରାଏଲ୍ ଉପରେ ଶତାଧିକ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଯୋଗୁଁ ଉଭୟ ପକ୍ଷର ହଜାର ହଜାର ସୈନ୍ୟ ଏବଂ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

ଇସଲାମାବାଦ ଚୁକ୍ତି ଏବଂ ଅସ୍ତ୍ରବିରତିର ପତନ ଯୁଦ୍ଧର ଭୟାବହତାକୁ ଦେଖି ଗତ ଜୁନ୍ ୧୭ ତାରିଖରେ ଫ୍ରାନ୍ସର ଭର୍ସେଲ୍ସ ପ୍ରାସାଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ମଧ୍ୟରେ ଏକ ସ୍ମାରକପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଯୁଦ୍ଧର ସ୍ଥାୟୀ ସମାଧାନ ଏବଂ ହୋର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ କରିବା।

କିନ୍ତୁ ଏହି ଶାନ୍ତି ପ୍ରକ୍ରିୟା ବେଶି ଦିନ ତିଷ୍ଠି ପାରିଲାନାହିଁ। ଜୁଲାଇ ପ୍ରଥମ ସପ୍ତାହରେ ହର୍ମୁଜ ପ୍ରଣାଳୀରେ ଇରାନ ପକ୍ଷରୁ ତିନୋଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରାଯିବା ପରେ ପରିସ୍ଥିତି ପୁଣି ବିଗିଡ଼ି ଯାଇଥିଲା। ଇରାନର କହିବା କଥା ଯେ ଚୁକ୍ତି ଅନୁଯାୟୀ ହୋର୍ମୁଜ ପ୍ରଣାଳୀ ଉପରେ ତାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ଉଚିତ ଏବଂ ସେଠାକାର ବାଣିଜ୍ୟିକ ଜାହାଜ ଗୁଡ଼ିକ ଇରାନର ନିୟମ ମାନିବା ଆବଶ୍ୟକ। ଅପରପକ୍ଷରେ, ଆମେରିକା ଏହାକୁ ଅନ୍ତର୍ଜାତୀୟ ଜଳପଥର ସ୍ୱାଧୀନତା ଉପରେ ଆଘାତ ବୋଲି ଦର୍ଶାଇଛି।

ଗତ ଜୁଲାଇ ୮ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଇରାନ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ 'ଶେଷ ହୋଇଯାଇଛି'। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଇରାନର ୮୦ରୁ ଅଧିକ ସାମରିକ ଘାଟି ଉପରେ ପୁନର୍ବାର ବୋମା ବିସ୍ଫୋରଣ କରିଛି। ଏହାର ଜବାବରେ ଇରାନ ମଧ କୁଓ୍ୱେତ ଓ ବାହାରିନରେ ଥିବା ଆମେରିକୀୟ ସାମରିକ ପ୍ରତିଷ୍ଠାନ ଗୁଡ଼ିକୁ ଟାର୍ଗେଟ କରିଛି।

'ବିଶ୍ୱ ଅର୍ଥନୀତି ଓ ତେଲ ବଜାର ଉପରେ ପ୍ରଭାବ' ଆମେରିକା ଏବଂ ଇରାନର ଏହି ବର୍ତ୍ତମାନର ଯୁଦ୍ଧ କେବଳ ମଧ୍ୟପ୍ରାଚ୍ୟ ମଧ୍ୟରେ ସୀମିତ ନାହିଁ, ବରଂ ଏହା ସାରା ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେଇଛି।

କ୍ରୁଡ୍ ଅଏଲ୍ ଦର ବୃଦ୍ଧି: ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ହର୍ମୁଜ ପ୍ରଣାଳୀ ଦେଇ ହୋଇଥାଏ। ଏହି ଜଳପଥରେ ଇରାନର ସାମରିକ ଗତିବିଧି ଏବଂ ଆମେରିକାର ଆକ୍ରମଣ ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ଆକାଶଛୁଆଁ ହୋଇଛି।

ଆମେରିକାର ପ୍ରତିବନ୍ଧକ: ସାମ୍ପ୍ରତିକ ତିକ୍ତତା ପରେ ଆମେରିକା ସରକାର ଇରାନର ତେଲ ରପ୍ତାନି ଉପରେ ଦେଇଥିବା ରିହାତି ବା ଅନୁମତିକୁ ରଦ୍ଦ କରିଦେଇଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ବିଶ୍ୱ ବଜାରରେ ତେଲର ଅଭାବ ଦେଖାଦେଇପାରେ।

ଶେୟାର ବଜାରରେ ମାନ୍ଦାବସ୍ଥା: ଯୁଦ୍ଧର ତାଜା ଖବର ପ୍ରସାରିତ ହେବା ମାତ୍ରେ ସାରା ବିଶ୍ୱର ଶେୟାର ବଜାରରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ନିବେଶକମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଆଗାମୀ ଦିନର ସମ୍ଭାବନା ଓ ଭାରତ ଉପରେ ଏହାର ପ୍ରଭାବ:

ଏହି ସଂଘର୍ଷ ଯଦି ଦୀର୍ଘସ୍ଥାୟୀ ରୂପ ନିଏ, ତେବେ ଏହା ତୃତୀୟ ବିଶ୍ୱଯୁଦ୍ଧର କାରଣ ସାଜିପାରେ ବୋଲି ଅନେକ ଆନ୍ତର୍ଜାତୀୟ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରୁଛନ୍ତି। ଇରାନ ଏବେ ଏକ ନୂଆ ସାମରିକ ନୀତି ଆପଣେଇଛି, ଯେଉଁଥିରେ ସେ ଆମେରିକା ଏବଂ ଆମେରିକାର ସହଯୋଗୀ ଆରବ ଦେଶଗୁଡ଼ିକ (ଯେପରିକି ସାଉଦି ଆରବ ଓ ୟୁଏଇ) ମଧ୍ୟରେ କୌଣସି ପାର୍ଥକ୍ୟ ରଖିବ ନାହିଁ ବୋଲି ଚେତାବନୀ ଦେଇଛି।

ଭାରତ ପାଇଁ ଚିନ୍ତା:

ଭାରତ ପାଇଁ ଏହି ସ୍ଥିତି ବେଶ୍ ଚିନ୍ତାଜନକ। ପ୍ରଥମତଃ, ଭାରତ ନିଜର ଅଧିକାଂଶ ତେଲ ଆବଶ୍ୟକତା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆମଦାନି କରିଥାଏ। ତେଲ ଦର ବଢ଼ିଲେ ଭାରତରେ ମୁଦ୍ରାସ୍ଫୀତି ବା ମହଙ୍ଗା ପରିସ୍ଥିତି ସୃଷ୍ଟି ହେବ। ଦ୍ୱିତୀୟତଃ, ଇରାନର ଚାବାହାର ବନ୍ଦରରେ ଭାରତର ବଡ଼ ନିବେଶ ରହିଛି, ଯାହା ଏହି ଯୁଦ୍ଧ ଯୋଗୁଁ ପ୍ରଭାବିତ ହେବାର ସମ୍ଭାବନା ରହିଛି।

ଆଜିର ଦିନରେ ଆମେରିକା ଏବଂ ଇରାନର ସମ୍ପର୍କ ଏକ ବାରୁଦ ଗଦା ଉପରେ ଠିଆ ହୋଇଛି। ଯଦିଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସାମରିକ ଆକ୍ରମଣ ଜାରି ରଖିବା ସହ ଆଲୋଚନାର ଦ୍ୱାର ଖୋଲା ଅଛି ବୋଲି କହିଛନ୍ତି, ତଥାପି ଦୁଇ ଦେଶ ମଧ୍ୟରେ ଥିବା ଅବିଶ୍ୱାସର ପ୍ରାଚୀର ଏତେ ବଡ଼ ଯେ ଶାନ୍ତି ଫେରିବା ସହଜ ମନେ ହେଉନାହିଁ। ଜାତିସଂଘ ଏବଂ ଅନ୍ୟାନ୍ୟ ପ୍ରମୁଖ ବିଶ୍ୱ ଶକ୍ତିମାନେ ତୁରନ୍ତ ଏଥିରେ ହସ୍ତକ୍ଷେପ କରି କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ଯୁଦ୍ଧ ରୋକିବାକୁ ଚେଷ୍ଟା କରିବା ଜରୁରୀ, ନଚେତ୍ ଏହା ସମଗ୍ର ମାନବଜାତି ପାଇଁ ବିପଦଜନକ ସାବ୍ୟସ୍ତ ହେବ।

ଖୋର୍ଦ୍ଧା,
ମୋ-୬୩୭୦୬୭୫୫୬୨

# ଦେଶରେ ନଗଦ ହସ୍ତାନ୍ତର

**ରାଜନୈତିକ ଦଳଗୁଡିକୁ ପାଇଁ ନିର୍ବାଚନରେ ବିଜୟର ମାଧ୍ୟମ ପାଲଟିଛି, କେବଳ ଏତିକି ନୁହେଁ। ନିଜ ଦଳ ସପକ୍ଷରେ ମହିଳାଙ୍କୁ ଆକର୍ଷିତ କରି ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ଇଏସି-ପିଏମ ଓ୍ୱାର୍କିଂ ପେପର ସିରିଜ୍ ପକ୍ଷରୁ ଏକ ସର୍ଭେ ରିପୋର୍ଟରେ ଦେଶରେ ଏହି ନିସର୍ତ୍ତ ମହିଳା ଯୋଜନାକୁ ଭୂୟସୀ ପ୍ରଶଂସା କରାଯାଇଛି।**
**ଓଡ଼ିଶା ଓ ମହାରାଷ୍ଟ୍ରରେ କାର୍ଯ୍ୟକାରୀ ହେଉଥିବା ମହିଳା ଯୋଜନା ବେଶ୍ ସଫଳତା ହାସଲ କରିଥିବାବେଳେ ହିତାଧିକାରୀଙ୍କ ପାଇଁ ସଂଚୟ ଓ ବ୍ୟୟରେ ଉନ୍ନତି, ଘର ପରିଚାଳନାରେ ଉନ୍ନତି ଆଣିବାରେ ସହାୟକ ହୋଇଛି। ଆହୁରି ମଧ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଶୈଳୀରେ ବ୍ୟୟ ବୃଦ୍ଧି କରିପାରିଛି। ଏହା ଏକ ସ୍ୱାଗତଯୋଗ୍ୟ ଢାଂଚା। ଏଭଳି ଯୋଜନାକୁ ବନ୍ଦ ନକରି ଅଟକଳ ବୃଦ୍ଧି ସହ ଆହୁରି ବ୍ୟାପକ କରିବା ନେଇ ସର୍ଭେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି।**

## ସୌଭାଗ୍ୟ ରଂଜନ ମହାନ୍ତି

ଗତ କିଛି ବର୍ଷ ଧରି ଦେଶର ୧୫ଟି ରାଜ୍ୟ ସରକାର ମହିଳାଙ୍କ ପାଇଁ ନଗଦ ହସ୍ତାନ୍ତର ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି। ଏହି ଯୋଜନା ମଧ୍ୟପ୍ରଦେଶରେ 'ଲାଡଲୀ ବହେନ', ଝାଡଖଣ୍ଡରେ 'ମୈୟା ସମ୍ମାନ', ତାମିଲନାଡୁରେ 'ମାଗାଲିର ଉରିମାଇ ଥୋଗାଇ', ପଶ୍ଚିମବଙ୍ଗରେ 'ଲକ୍ଷ୍ମୀ ଭଣ୍ଡାର', ଆସାମରେ 'ଓରୁନାଦେଇ' କର୍ଣ୍ଣାଟକରେ 'ଗୃହଲକ୍ଷ୍ମୀ', ଦିଲ୍ଲୀରେ 'ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ', ଛତିଶଗଡରେ 'ମାହତାରୀ ବନ୍ଦନା', ଗୋଆରେ 'ଗ୍ରୀହ ଆଧାର', ତେଲେଙ୍ଗାନାରେ 'ମହାଲକ୍ଷ୍ମୀ, ମହାରାଷ୍ଟ୍ରରେ 'ମୁଖ୍ୟମନ୍ତ୍ରୀ ମାଝୀ ଲାଡଲୀ ବହେନ' ଓଡ଼ିଶାରେ 'ସୁଭଦ୍ରା', ବିହାରରେ ମୁଖ୍ୟମନ୍ତ୍ରୀ ରୋଜଗାର ଯୋଜନା ନାମରେ ପରିଚିତ। ଏହା ଯୋଜନାରେ ମହିଳାଙ୍କୁ ମାସିକ ୧୦୦୦ରୁ ୩୦୦୦ଟଙ୍କା ପର୍ଯ୍ୟନ୍ତ ନଗଦ ଅର୍ଥ ପ୍ରଦାନ କରାଯାଉଛି। ଏହି ଯୋଜନା ଜରିଆରେ ପାଣ୍ଠିର ଚାଲାଣ ପରିମାଣ ମଧ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ପିଆରଏସ ଲେଜିସ୍‌ଲେଟିଭ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨ଟି ରାଜ୍ୟରେ ଏହି ନିସର୍ତ୍ତ ନଗଦ ହସ୍ତାନ୍ତର ଯୋଜନାର ୧.୬୮ ଲକ୍ଷ କୋଟି ବ୍ୟୟ ଅଟକଳ କରାଯାଇଛି। ଏହା ନିଶ୍ଚିତ ଯେ, ମହିଳା ସଶକ୍ତିକରଣ, ସାମାଜିକ କଲ୍ୟାଣ ଏବଂ ରାଜନୈତିକ ଦଳଗୁଡିକ ପାଇଁ ଏହି ସର୍ତ୍ତବିହୀନ ନଗଦ ହସ୍ତାନ୍ତର ଯୋନଜା ଏକ ସାଧନ ରୂପେ ଉଭା ହୋଇଛି। ରାଜନୈତିକ ଦଳଗୁଡିକୁ ପାଇଁ ନିର୍ବାଚନରେ ବିଜୟର ମାଧ୍ୟମ ପାଲଟିଛି, କେବଳ ଏତିକି ନୁହେଁ। ନିଜ ଦଳ ସପକ୍ଷରେ ମହିଳାଙ୍କୁ ଆକର୍ଷିତ କରି ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ଇଏସି-ପିଏମ ଓ୍ୱାର୍କିଂ ପେପର ସିରିଜ୍ ପକ୍ଷରୁ ଏକ ସର୍ଭେ ରିପୋର୍ଟରେ ଦେଶରେ ଏହି ନିସର୍ତ୍ତ ମହିଳା ଯୋଜନାକୁ ଭୂୟସୀ ପ୍ରଶଂସା କରାଯାଇଛି। ଏହି ଯୋଜନାଗୁଡିକ ସମର୍ଥନରେ ବହୁ ପ୍ରମାଣ ମଧ ଉପସ୍ଥାପିତ କରିଛି।

ଓଡ଼ିଶା ଓ ମହାରାଷ୍ଟ୍ରରେ କାର୍ଯ୍ୟକାରୀ ହେଉଥିବା ମହିଳା ଯୋଜନା ବେଶ୍ ସଫଳତା ହାସଲ କରିଥିବାବେଳେ ହିତାଧିକାରୀଙ୍କ ପାଇଁ ସଂଚୟ ଓ ବ୍ୟୟରେ ଉନ୍ନତି, ଘର ପରିଚାଳନାରେ ଉନ୍ନତି ଆଣିବାରେ ସହାୟକ ହୋଇଛି। ଆହୁରି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଶୈଳୀରେ ବ୍ୟୟ ବୃଦ୍ଧି କରିପାରିଛି। ଏହା ଏକ ସ୍ୱାଗତଯୋଗ୍ୟ ଢାଂଚା। ଏଭଳି ଯୋଜନାକୁ ବନ୍ଦ ନ କରି ଅଟକଳ ବୃଦ୍ଧି ସହ ଆହୁରି ବ୍ୟାପକ କରିବା ନେଇ ସର୍ଭେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି।



ଉଲ୍ଲେଖଯୋଗ୍ୟ ଯେ, ରାଜନୈତିକ ଦଳଗୁଡିକ ନିର୍ବାଚନ ବୈତରଣୀ ପାର ହେବା ଲାଗି ଏଭଳି ମାଗଣା ତଥା ଲୋକପ୍ରିୟ ଯୋଜନା ଅଧିକରୁ ଅଧିକ କାର୍ଯ୍ୟକାରୀ କରିବା ଯୋଗୁଁ ଅନ୍ୟ କ୍ଷେତ୍ରଗୁଡିକ ବିଶେଷ ଭାବେ ପ୍ରଭାବିତ ହେବା ସାର ହେଉଛି।

ମାଗଣା ବିଦ୍ୟୁତ୍, ମାଗଣା ଚାଉଳ ବଂଟନ, କନ୍ୟା ପାଇଁ ସୁନା ରିଙ୍ଗ, ଆଦି ବହୁ ଯୋଜନା କେତେକ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି। ଏଭଳି ମାଗଣା ଯୋଜନା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ବହୁ ଅର୍ଥନୈତିକ ବିଶାରଦ, ଏପରିକି ସୁପ୍ରିମକୋର୍ଟ ମଧ ଚିନ୍ତା ବ୍ୟାକ୍ତ କରିଛନ୍ତି। ଏଭଳି ମାଗଣା ଯୋଜନା ଦେଶରେ ଆର୍ଥିକ ଦୁସ୍ଥିତିର କାରଣ ହୋଇପାରେ ବୋଲି ସେମାନେ ଚେତାବନୀ ଦେଇସାରିଲେଣି। ଆରବିଆଇ କହିଛି ଯେ ସରକାରୀ ଖର୍ଚ୍ଚ ଏବଂ ଋଣ ବୃଦ୍ଧି ଯୋଗୁଁ ଅନ୍ୟ କ୍ଷେତ୍ରରେ ନିବେଶ ପ୍ରଭାବିତ କରିବ। ରାଜ୍ୟ ରାଜକୋଷ ଉପରେ ଆର୍ଥିକ ବୋଝ ବୃଦ୍ଧି ପାଇବା ଅନ୍ୟ ଉନ୍ନୟନ ଯୋଜନା ଗୁଡିକରେ କାର୍ଯ୍ୟକାରୀ ପାଇଁ ସରକାର କେବଳ ଅଧିକରରୁ ଅଧିକ ଋଣ କରିବେ ନାହିଁ ଅନ୍ୟ କ୍ଷେତ୍ରରେ ଆବଣ୍ଟିତ ଅର୍ଥରୁ ଆଣି ବିନିଯୋଗ କରିବାକୁ ବାଧ ହେବେ ବୋଲି ବହୁ ଅର୍ଥନୈତିକ ବିଶାରଦ କଡା ଚେତାବନୀ ଦେଇଛନ୍ତି।

କହିବା ବାହୁଲ୍ୟ ଯେ, ଏହି ମାଗଣା ଯୋଜନା ଯୋଗୁଁ ଦେଶରେ ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ପାଇଁ ଜୀବନରେଖା ପାଲଟିଥିବା ମନେରଗା'ର ବ୍ୟୟ ଅଟକଳ ହ୍ରାସ ପାଇବାରେ ଲାଗିଥିଲା। ମାଗଣା ଯୋଜନାରେ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମାତ୍ର ୮୬,୦୦୦ କୋଟି ଟଙ୍କା କେନ୍ଦ୍ର ସରକାର ବ୍ୟୟ ଅଟକଳ କରିଥିଲେ। ଆକ୍ସିସ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ମାଗଣା ଯୋଜନା କେବଳ ବ୍ୟୟ ବୃଦ୍ଧି କରିନାହିଁ, ନିଅଣ୍ଟିଆ ବୃଦ୍ଧି କରିଛି। ବଜେଟ ଆକଳନ ଅନୁଯାୟୀ ରାଜ୍ୟଗୁଡିକରେ ସମନ୍ୱିତ ଋଣ ୨୦୨୧ ମାର୍ଚ୍ଚରେ ୩୧ ପ୍ରତିଶତ ଥିବା ବେଳେ ୨୦୨୬ରେ ୨୯.୨ ପ୍ରତିଶତକୁ ଖସି ଆସିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପଞ୍ଜାବରେ ଋଣବୋଝ ଜିଏସଡିପିର ୪୬.୪ ପ୍ରତିଶତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୩୮.୯ ପ୍ରତିଶତ ଓ ବିହାରରେ ୩୬.୮ ପ୍ରତିଶତ ରହିଛି। ରାଜ୍ୟ ଅର୍ଥନୀତି ପାଇଁ ଏହି ମାଗଣା ଯୋଜନା ଗୁରୁତର ବିପଦ ଆଶଙ୍କା ସୃଷ୍ଟି କରିଥିବା ମନେ ହେଉଛି। ଏଥିପ୍ରତି ଧ୍ୟାନ ଦିଆଯିବା ଜରୁରୀ।

ମୋ-୯୪୩୭୯୯୪୩୭୯

# ଚତୁର୍ଥ ଦିନରେ ପହଞ୍ଚିଲା ବିଜେଡିର ଗଣ ଧାରଣା

ଆସିକା,୧୦।୭ (ନିପ୍ର): ଚତୁର୍ଥ ଦିନରେ ପହଞ୍ଚିଲା ଆସିକା ବିଜେଡିର ଗଣଧାରଣା। ଆସିକା ପଂଚାୟତ ସମିତି ସମ୍ମୁଖରେ ବିଜୁ ଜନତା ଦଳ ପକ୍ଷରୁ ବ୍ଲକରେ ପିସି ବନ୍ଦ ଓ ପଂଚାୟତ ପ୍ରତିନିଧିମାନଙ୍କୁ ସମ୍ମାନ ଦାବିରେ ତୃତୀୟ ଦିନରେ ଗଣ ଧାରଣା ରେ ବସିଛନ୍ତି ଆସିକା ବିଜେଡିର ଛାମୁଆ କର୍ମୀ। ଆସିକା ଭଳି ଏକ ପଞ୍ଚାୟତ ସମିତିରେ ସ୍ଥାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଯୁକ୍ତି ସହିତ ପ୍ରଧାନମନ୍ତ୍ରୀ ଆବାସ ଗୃହ ତିଆରି କରିବାକୁ ୧୦ ହଜାର ଲାଞ୍ଚ ନ ଦେଲେ କୌଣସି ଅନୁଦାନ ରାଶିର ବିଲ



ନକରିବା, କୌଣସି ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ଲକ ପକ୍ଷରୁ ପିସି ମାଗିବା, ରାସନ କାର୍ଡ, ମଧୁବାବୁ ପେନସନ ଯୋଜନା, ଆଦି ଅନେକ କାର୍ଯ୍ୟରେ ପଂଚାୟତ ପ୍ରତିନିଧି ମାନଙ୍କୁ ଅଣ ଦେଖା କରିବା, ନିୟମିତ ସମିତି ବୈଠକ କରିବାକୁ ବହୁ ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନହେବା ଯୋଗୁଁ ଏହି ଧରଣା ଦିଆଯାଇଛି । ଧୀରେ ଧୀରେ ଏହି ଧାରଣା ସ୍ଥଳକୁ ଆସିକାର ବିଭିନ୍ନ ପଞ୍ଚାୟତରୁ ବହୁ ଜନସାଧାରଣ ଆସି ସେମାନଙ୍କ ପ୍ରତି ହୋଇଥିବା ଅବହେଳାକୁ ଜଣାଇବା ସହ ତାର ପ୍ରତିକାର କରିବା ପାଇଁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ଏହି ଧାରଣା ସ୍ଥଳରେ ଗଞ୍ଜାମ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ ବ୍ଲକ ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକ,ଦିଲ୍ଲୀପ ପାଣିଗ୍ରାହୀ, ସୂର୍ଯ୍ୟ ପ୍ରକାଶ ରାଓ, ବିଦେଶୀ ନାୟକ, ଅନିଲ ନାୟକ, ହରିଡ଼ାପଦର ସରପଞ୍ଚ ଜୟନ୍ତୀ ବେହେରା, ସମିତି ସଭ୍ୟ ତ୍ରିନାଥ ବେହେରା, ବଡଖୋଲି ସମିତି ସଭ୍ୟ ଭରତ ନାହାକ, ଚଢ଼ିଆପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ, ଗହଙ୍ଗୁ ସରପଞ୍ଚ ମନୋଜ ପରିଡା, ବାଲିଛାଇର ନୀଳମାଧବ ବେହେରା, ବାଲିଆସରା ସରପଞ୍ଚ ରବୀନ୍ଦ୍ର କୁମାର ପୋଲାଇ,ଗୌରହରୀ ବେହେରା, ସନ୍ତୋଷ ନାୟକ, ଜୟପୁର ସମିତିସଭ୍ୟ ଅମୀତ ନାହାକ, ଅଶ୍ୱିନୀ ବିଷୋୟୀ, ନନ୍ଦ ବିଶୋଇ, ଅରୁଣ ଦଳେଇ, ଆମ୍ବପୁଅ ସରପଞ୍ଚ ଅମୀୟ କୁମାର ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ବିନା ପ୍ଲାନିଂରେ ଜଗନ୍ନାଥ ହାଟର ଆଧୁନିକୀକରଣ !

ଧାମନଗର,୧୦।୭ (ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ଅବସ୍ଥିତ ଐତିହାସିକ 'ଜଗନ୍ନାଥ ହାଟ'ର ଆଧୁନିକୀକରଣ ନାଁରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ୧୫୦ଟି ହାଟ ପିଣ୍ଡି ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି ସତ, ହେଲେ କୌଣସି ଯୋଜନା ବା ବ୍ଲୁ-ପ୍ରିଣ୍ଟ ନଥାଇ ଜାଗା ସଂକୁଚିତ କରାଯାଇ ନିର୍ମାଣ କରାଯାଉଛି। ହାଟ ସମ୍ପ୍ରସାରଣ ପାଇଁ ପ୍ରଚୁର ସରକାରୀ ଜମି ଥିଲେ ମଧ ସେଗୁଡ଼ିକୁ ଜବରଦଖଲ ମୁକ୍ତ ନକରି, ମାତ୍ର ୪୦ ମିଟର ଲମ୍ବ ଏବଂ ୮ ମିଟର ଓସାରର ଏକ ସୀମିତ ଜାଗା ଭିତରେ ୧୨୦ଟି ପିଣ୍ଡିକୁ ଜୋରଜବରଦସ୍ତ ଆଡଜଷ୍ଟ କରାଯାଉଛି। ସବୁଠାରୁ ସାଂଘାତିକ କଥା ହେଉଛି, ବୈତରଣୀ ସେତୁର ପ୍ରାୟ ୩୦ ଫୁଟ୍ ଉଚ୍ଚ ଆପ୍ରୋଚରୋଡ କୁ ଲାଗି ଏହି ପିଣ୍ଡିଗୁଡ଼ିକ ତିଆରି ଚାଲିଛି। ଆପ୍ରୋଚ ରୋଡରୁ ହାଟ ପର୍ଯ୍ୟନ୍ତ ଗଡ଼ାଣି ସମ୍ପୂର୍ଣ୍ଣ ତୀଖ ଥିବାରୁ ପୋଲ ଉପରେ କୌଣସି ଦୁର୍ଘଟଣା ଘଟିଲେ ଗାଡ଼ି ସିଧାସଳଖ ହାଟ ଭିତରକୁ ମାଡ଼ିଯିବାର ଏବଂ ବ୍ୟାପକ ଜୀବନ ହାନି ହେବାର ଆଶଙ୍କା ଦେଖାଦେଇଛି। ନିର୍ମାଣ କାର୍ଯ୍ୟର ମାନ ମଧ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ପିଣ୍ଡି ତଳେ ମଜବୁତ ପ୍ଲେନ ସିମେଣ୍ଟ କଂକ୍ରିଟ ଏବଂ ବଡ଼ ମେଟାଲ ବ୍ୟବହାର ହେବା କଥା, ହେଲେ ଏଠାରେ ମାତ୍ର ୨ ଇଞ୍ଚର ୪୦ ଏମ୍‌ଏମ୍ ମେଟାଲ ଦେଇ ନାମକୁ ମାତ୍ର କଂକ୍ରିଟ କରାଯାଉଛି। ସିମେଣ୍ଟ ଓ ବାଲିର ମିଶ୍ରଣ ମଧ ଅତି ଦୁର୍ବଳ। ପିଣ୍ଡି ପାଇଁ ବ୍ୟବହାର ହେଉଥିବା ଫ୍ଲାଏ ଆଶ



ଇଟାଗୁଡ଼ିକ ସମ୍ପୂର୍ଣ୍ଣ କଞ୍ଚା ଓ ନିମ୍ନମାନର ହୋଇଥିବାରୁ ନିର୍ମାଣ ସରିବା ପୂର୍ବରୁ ହିଁ ତାହା ଭାଙ୍ଗିବାକୁ ବସିଲାଣି। ଜଗନ୍ନାଥ ହାଟ ଟି ୨୦୧୮-୧୯ରେ ବୈତରଣୀ ନଦୀ ସେତୁ ନିର୍ମାଣ ପରେ ସଂକୁଚିତ ହୋଇଯାଇଥିଲା, ଯାହାପାଇଁ ଚାଷୀମାନେ ବାରମ୍ବାର ନୂଆ ପିଣ୍ଡି ପାଇଁ ଦାବି କରିଆସୁଥିଲେ। ନୂଆ ସରକାର ଆସିବା ପରେ ଏହି ଜନହିତକର ପଦକ୍ଷେପ ନିଆଯାଇଥିଲେ ହେଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବାକୁ ଯାଉଥିବା ଚର୍ଚ୍ଚ ହେଉଛି । ନିୟମ ଅନୁଯାୟୀ, ଦୁଇଟି ପିଣ୍ଡି ଲାଇନ୍ ମଧରେ ସର୍ବନିମ୍ନ ୮ ରୁ ୧୦ ଫୁଟର ପ୍ରଶସ୍ତ ଚଲାପଥ ରହିବା ଆବଶ୍ୟକ, ଯେପରି ଗ୍ରାହକ ଓ ବ୍ୟବସାୟୀ ସହଜରେ ଯା'ଆସ କରିପାରିବେ। ପ୍ରତ୍ୟେକ ପିଣ୍ଡି ପାଇଁ କଂକ୍ରିଟ୍ ର ମଜବୁତ ଆଧାର ସହ ଉପରେ ଛାତ, ପାନୀୟ ଜଳ ଏବଂ ପରିବା ଧୋଇବା ପାଇଁ ଡ୍ରେନେଜ୍ ବ୍ୟବସ୍ଥା ରହିବା କଥା। ମାତ୍ର ଏଠାରେ ଦୁଇଟି ଲାଇନ ମଧରେ ମାତ୍ର ସାଢ଼େ ୬ ଫୁଟ୍ (୨ ମିଟର) ସ୍ଥାନ ଛଡ଼ାଯାଇଛି ଏବଂ ପ୍ରତି ଲାଇନରେ ୪୦ ଜଣ ବିକ୍ରେତା ବସିବା ଭଳି ଏକ ଅଣଓସାରିଆ ୨.୨'ମିଟର'ର ପିଣ୍ଡି କରାଯାଉଛି। ଏତେ କମ୍ ଜାଗା ଯୋଗୁଁ ବ୍ୟବସାୟୀମାନେ ପରିବା ଗାଡ଼ି ଅନଲୋଡ୍ କରିପାରିବେ ନାହିଁ କି ଗ୍ରାହକମାନେ ଭିତରକୁ ଯାଇପାରିବେ ନାହିଁ। ଏହି ୮୦ ଜଣଙ୍କ ପାଖକୁ ଲାଗି ଆଉ ୪୦ ଜଣଙ୍କ ପାଇଁ ପିଣ୍ଡି ତିଆରି ହେଲେ ଭିତରକୁ ପଶିବା ପାଇଁ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ପୂର୍ବରୁ ବିନା ପ୍ଲାନିଂରେ ନିର୍ମିତ ଏକ ଡ୍ରାମା ପେଣ୍ଡାଲ ଯୋଗୁଁ ଜାଗା ଅଦରକାରୀ ହୋଇ ପଡ଼ିଥିବା ବେଳେ ଏହି ନୂଆ ପିଣ୍ଡି ମଧ କୌଣସି କାମରେ ଆସିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଭଦ୍ରକ ଓ ଯାଜପୁର ଜିଲ୍ଲାର ସୀମାନ୍ତରେ ଥିବା ଏହି ହାଟ ଉପରେ ଭଣ୍ଡାରିପୋଖରୀର ବିରୋଳି, ଦାଣ୍ଡକୂଳ, ତିଖିଲିଆ, ସୋଲାପାରି, ସଠଗାଁ, ମାଳଦା ଏବଂ ଯାଜପୁରର ଦଶରଥପୁର ଓ ଧାମନଗର ବ୍ଲକର ଶତାଧିକ ଚାଷୀ, ବ୍ୟବସାୟୀ ଓ ଗ୍ରୋସରୀ ଦୋକାନୀ ନିର୍ଭର କରନ୍ତି। ସୋମବାର ଓ ଶୁକ୍ରବାର ସକାଳ ୫ଟାରୁ ଦିପହର ୨ଟା ପର୍ଯ୍ୟନ୍ତ ବସୁଥିବା ଏହି ବଜାରରୁ ହଜାର ହଜାର ଗ୍ରାହକ ପରିବା କିଣିଥାନ୍ତି। ଆଞ୍ଚଳିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହି ନିମ୍ନମାନର କାମକୁ ବନ୍ଦ କରି, ଜବରଦଖଲ ଉଚ୍ଛେଦ ପୂର୍ବକ ସ୍ଥାନ ସମ୍ପ୍ରସାରଣ କରି ଏକ ସୁବ୍ୟବସ୍ଥିତ ଲେ-ଆଉଟ୍ ପ୍ଲାନ୍ ଅନୁଯାୟୀ ହାଟ ପିଣ୍ଡି ନିର୍ମାଣ କରିବାକୁ ଦୃଢ଼ ଦାବି ହୋଇଛି।

# ଡାବୁଗାଁ ଅଞ୍ଚଳରେ ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

ନବରଙ୍ଗପୁର,୧୦।୭ (ନିପ୍ର); କିଛି ଦିନ ପୂର୍ବେ ଡାବୁଗାଁ ବ୍ଲକରେ ଚଢ଼ା ଦରରେ ସାର ବିକ୍ରି ଘଟଣାକୁ କେନ୍ଦ୍ର କରି ତଦନ୍ତ ଆରମ୍ଭ କରିଥିଲା କୃଷି ବିଭାଗ। ଡାବୁଗାଁ ବ୍ଲକର ବିଭିନ୍ନ ଖୁଚୁରା ସାର ବିକ୍ରି ଦୋକାନକୁ ଯାଇ ଷ୍ଟକ ଏବଂ ବିକ୍ରୟ ରେଜିଷ୍ଟରେ ଯାଞ୍ଚ କରିବା ସହ ଚାଷୀଙ୍କୁ ବ୍ୟାଗରେ ମୁଦ୍ରିତ ମୂଲ୍ୟ ବା ସରକାରୀ ମୂଲ୍ୟରେ ସାର ବିକ୍ରି ପାଇଁ ନିର୍ଦ୍ଦେଶ ମଧ ଦେଇଥିଲେ କୃଷି ଅଧିକାରୀ। କିନ୍ତୁ ବର୍ତ୍ତମାନ ପୁଣି ଡାବୁଗାଁ ଅଂଚଳରେ ଛଡା ଦରରେ ସାର ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଚାଷୀଭାଇମାନେ କହିବା ପ୍ରକାରେ ଡିଏଫଇ ୨୦-୨୦ ମୂଲ୍ୟ-୧୩୫୦ରୁ ୧୮୦୦ ଟଙ୍କା ଥିବା ବେଳେ ଡାବୁଗାଁ ଅଂଚଳରେ ଥିବା ସ୍ୱୀକୃତି ପ୍ରାପ୍ତ ସାର ବିକ୍ରେତା ଦୋକାନୀମାନେ ଚଢ଼ାଦରରେ ୨୫୦୦ ରୁ ୨୮୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିବା ସୂଚନା ମିଳୁଛି। କୃଷିବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଚାଷୀଭାଇମାନେ ଉଚିତ ମୂଲ୍ୟରେ ସାର ପାଇ ପାରିବେ।ସୂଚନା ଥାଉ କି ଡାବୁଗାଁ ଅଂଚଳରେ ଡାବୁଗାଁ କୃଷି ବିଭାଗ ତରଫରୁ ସ୍ୱୀକୃତିପ୍ରାପ୍ତ ୨୨ ଜଣଙ୍କୁ ସାର ବିକ୍ରୟ ଅନୁମତି ଥିବା ବେଳେ ୩୫ ଜଣଙ୍କୁ ବିହନ ବିକ୍ରୟ ସ୍ୱୀକୃତି ମିଳିଛି। ଚଢ଼ାଦରରେ ସାର ବିକ୍ରି ବିଷୟରେ ଜାଣିବା ପରେ ଏହି ପ୍ରତିନିଧି ଡିଏଫଇ ୨୦-୨୦ର ସରକାରୀ ମୂଲ୍ୟ ବିଷୟରର କୃଷି ଅଧିକାରୀଙ୍କୁ ପଚାରିବାରୁ ବର୍ତ୍ତମାନ ନୂଆ ଦାର ୨୧୦୦ଟଙ୍କା ଥିବା ସୂଚନା ଦେବ ସହ ଯଦି ଖୁଚୁରା ବ୍ୟବସାୟୀ ମାନେ ଚଢ଼ା ଦରରେ ସାର ବିକ୍ରି କରନ୍ତି ତେବେ ସେମାନଙ୍କ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି କୃଷି ଅଧିକାରୀ ।

# ୧୦ ଦିନ ହେବ ଅନ୍ଧାରରେ ସାତସମା ଗ୍ରାମବାସୀ

## ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ

ରେଢ଼ାଖୋଲ,୧୦।୭ (ନିପ୍ର): ସରକାର ଆଜିକାଲି ବିଭିନ୍ନ ଯୋଜନାରେ ଗାଁ ଗାଁକୁ ଯୋଗାଇ ଦେଉଛନ୍ତି ବିଦ୍ୟୁତ୍ । ଏବଂ ବିଦ୍ୟୁତ୍ ବିଭାଗ ମଧ ସମସ୍ତ ଗାଁ ଗୁଡିକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ତତ୍ପର ଦେଖାଉଛି। କିନ୍ତୁ ଏଠାରେ ଟିକେ ଅଲଗା ଗତ କିଛି ଦିନ ପୂର୍ବରୁ ପ୍ରବଳ ବର୍ଷା ଓ ଘଡଘଡି ଯୋଗୁଁ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ଭାଲିଆକଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାତସମା ଗାଁ ରେ ଟ୍ରାନ୍ସଫରମର ପୋଡ଼ି ଯିବାରୁ ଆଜକୁ ୧୦ଦିନରୁ ଊର୍ଦ୍ଧ୍ୱ ହେବ ଗାଁ ଅନ୍ଧାରରେ ସାତସମା ଗାଁ ୨ଟି ପଡ଼ାର ୬୦ରୁ ଊର୍ଦ୍ଧ୍ୱ ପରିବାର । ରାତି ହେଲେ ଗାଁ ରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଛାତ୍ରଛାତ୍ରୀ ମାନେ ପାଠ ପଢିବା ତ ଦୂରର କଥା ରାତିରେ ଘରୁ ବାହାରିବା ମଧ ଭୟ ଲାଗୁଥିବା କହିଛନ୍ତି ।



ଅନ୍ୟପଟେ ଜଙ୍ଗଲ ପାଖ ଗାଁ ହେତୁ ଏଠାରେ ରାତି ହେଲେ ହାତୀ ପଲର ଭୟ ଲୋକଙ୍କୁ ଆହୁରି ଭୟଭୀତ କରୁଥିବା ପ୍ରକାଶ କରିଛନ୍ତି । ଏନେଇ ସାତସମା ଗାଁ ର ମହିଳା ସମେତ ଯୁବକ ଓ ବରିଷ୍ଠ ନାଗରିକ ଗଣ ଆସି ରେଢ଼ାଖୋଲ ବିଦ୍ୟୁତ୍ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରିବା ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏମିତି ଆଗରୁ ମଧ ବହୁବାର ଟ୍ରାନ୍ସଫରମର୍ ଖରାପ ହୋଇଥିବା ବେଳେ ପ୍ରାୟ ସମୟ ଅନ୍ଧାରରେ ରହିଥିବା ଗ୍ରାମବାସୀ କହିଛନ୍ତି। ବର୍ଷକ ଭିତରେ ପାଖାପାଖି ୪ଟି ଟ୍ରାନ୍ସଫରମର୍ ଏମିତି ଖରାପ ହୋଇଥିବାରୁ ବର୍ତ୍ତମାନ ସେହି ବଦଳରେ ୬୨କେଭି ଯୁକ୍ତ ଟ୍ରାନ୍ସଫରମର୍ ଲଗାଇବାକୁ ବିଦ୍ୟୁତ୍ ବିଭାଗ ଏସଡିଓଙ୍କୁ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳରେ ରେଢ଼ାଖୋଲ ରେଢ଼ାଖୋଲ ଏସ୍ ଡି ଓ ପ୍ରିୟ ରଞ୍ଜନ ଦାସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଅତି ଶୀଘ୍ର ନୂତନ ଟ୍ରାନ୍ସଫରମର୍ ଲଗାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାହା ଛଡା ଆଗରୁ ବିଦ୍ୟୁତ୍ ସଂଯୋଗର ସମସ୍ତ ଅସୁବିଧାକୁ ସମାଧାନ କରାଯାଇ ଲୋକେ କିଭଳି ସୁରକ୍ଷିତ ବିଦ୍ୟୁତ୍ ସଂଯୋଗ ପାଇପାରିବେ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ବିଜୁଳି ଘଡଘଡି ଯୁକ୍ତ ଟ୍ରାନ୍ସଫରମର୍ ଲାଗିଥିବା ସ୍ଥାନକୁ ବିଜୁଳି ସୁରକ୍ଷିତ ସେଡ୍ ଦେଇ ସୁରକ୍ଷିତ କରାଯିବାକୁ ମଧ କହିଥିଲେ । ହେଲେ ମଧ ଆଜି ପର୍ଯ୍ୟନ୍ତ ସାତସମା ଗାଁରେ ଟ୍ରାନ୍ସଫରମର୍ ଲଗାଯାଇନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ରେଢ଼ାଖୋଲ ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ ସମେତ ଗ୍ରାମର ହରିହର ରଣା, ଟିଟୁ ତାଣ୍ଡିଆ ସମେତ ସମସ୍ତ ଗ୍ରାମବାସୀ ଆଗକୁ ଯଦି ବିଦ୍ୟୁତ୍ ବିଭାଗ ଏହାର ତୁରନ୍ତ ସମାଧାନ ନକରେ ତାହାଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ବନମହୋତ୍ସବ: ମା'ଙ୍କ ନାମରେ ଗଛଟିଏ

ରାୟଗଡା,୧୦।୭(ନିପ୍ର):ରାୟଗଡା ବନଖଣ୍ଡ ଅନ୍ତର୍ଗତ ରାୟଗଡା ବନାଞ୍ଚଳର ଅଡୁଗୁଡା ଗ୍ରାମ ନିକଟସ୍ଥ ସହରାଞ୍ଚଳ ବନୀକରଣ ପରିସରରେ ଜିଲ୍ଲା ସ୍ତରୀୟ ୭୭ ତମ ବନମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟରେ ମା'ଙ୍କ ନାମରେ ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦାମଦର ରଥ ,ଜିଲ୍ଲା ମାଜିଷ୍ଟ୍ରେଟ , ରାୟଗଡା ଯୋଗଦାନ କରି ନିଜ ମା'ଙ୍କ ନାମ ରେ ଏକ ଗଛ ଟିଏ ରୋପଣ କରି କାର୍ଯକ୍ରମ ର ଶୁଭାରମ୍ଭ କରିଥିଲେ । ଏହି କାର୍ଯକ୍ରମ ରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ଭାବେ ସଂଜିତ କୁମାର ବେହେରା ସ୍ୱତନ୍ତ୍ର ଜର୍ଜ, ଅଞ୍ଜନା ସ୍ୱାଇଁ ଅତିରିକ୍ତ ଜିଲ୍ଲା ଜର୍ଜ, ଅର୍ପଣା ମହାପାତ୍ର ମୁଖ୍ୟ ବିଚାରପତି , ସୁବ୍ରତ ଆଚାର୍ଯ୍ୟ ସମ୍ପାଦକ, ସସ୍ମିତା ମିଶ୍ର , ଆଶିଷ ପଟ୍ଟନାୟକ , ସୁଦେସନା ପଟ୍ଟନାୟକ , ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ସହ ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଶିକ୍ଷକ ନୀଳାଞ୍ଚଳ ପାଳ , ଛାତ୍ରଛାତ୍ରୀ, ଅଡୁଗୁଡ଼ା ଗ୍ରାମର ଗ୍ରାମବାସୀ ଏବଂ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ସମସ୍ତେ ନିଜ ମାଙ୍କ ନାମରେ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ। ପରିଶେଷରେ ସଚିନ ଆନ୍ନା ସାହେବ ଓହୋଲ ବନଖଣ୍ଡ ଅଧିକାରୀ ରାୟଗଡା ଉପସ୍ଥିତ ଗଣ ମାଧମ ପ୍ରତିନିଧିଙ୍କ ମଧମରେ ରାୟଗଡା ଜନସାଧାରଣଙ୍କୁ ଚଳିତ ବର୍ଷ ବନବିଭାଗର ବିଭିନ୍ନ ନର୍ସରୀ ଗୁଡ଼ିକରୁ ଚାରା ପିଛା ୧ ଟଙ୍କା ମୂଲ୍ୟରେ ନେଇ ନିଜ ବାଡ଼ି ବଗିଚାରେ ରୋପଣ କରି ପରିବେଶକୁ ସବୁଜ ଓ ସୁନ୍ଦର କରିବାକୁ ଅନୁରୋଧ କରିଥିଲେ। ଏହି ପରିପେକ୍ଷୀରେ ସନ୍ଦୀପ କୁମାର ପୃଷ୍ଟି ସହକାରୀ ବନସଂରକ୍ଷକ ରାୟଗଡା ଓସଚ୍ଚିଦାନନ୍ଦ ସେଠୀ ସହକାରୀ ବନସଂରକ୍ଷକ ରାୟଗଡା ଚଳିତ ବର୍ଷରେ ରାୟଗଡା ବନଖଣ୍ଡରେ ହେବାକୁ ଥିବା ବନୀକରଣ ବିଷୟରେ ବିସ୍ତୃତ ଭାବେ ବିବରଣୀ ଦେଇଥିଲେ।ଏହି କାର୍ଯ୍ୟକ୍ରମ ଟିକୁ ଅନିଲ କୁମାର ପାଣିଗ୍ରାହୀ ବନାଞ୍ଚଳ ଅଧିକାରୀ ରାୟଗଡା ସୂଚାରୁ ରୂପେ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଆଘାତରେ କଂଗ୍ରେସ ନେତାଙ୍କ ଅକାଳ ପରଲୋକ

ସୋନପୁର,୧୦।୭ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଚରଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ୍ ଆଘାତ ଲାଗି ସ୍ଥାନୀୟ ଅଞ୍ଚଳର ଜଣାଶୁଣା କଂଗ୍ରେସ ନେତା ତଥା ସମାଜସେବୀ ମହେନ୍ଦ୍ର ଥନାପତିଙ୍କର ପରଲୋକ ଘଟିଛି। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସମଗ୍ର ଚରଦା ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ଥନାପତି କୌଣସି ଏକ କାର୍ଯ୍ୟ କରୁଥିବା ସମୟରେ ଅସାବଧାନତା ବଶତଃ ଲାଇନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ପରିବାର ଲୋକେ ଏବଂ ସ୍ଥାନୀୟ ବାସିନ୍ଦା ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱର୍ଗତ ଥନାପତି କଂଗ୍ରେସ ଦଳର ଜଣେ ସକ୍ରିୟ ଓ ଆଗଧାଡ଼ିର ସଦସ୍ୟ ଭାବରେ ପରିଚିତ ଥିଲେ। ରାଜନୀତି ସହିତ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସର୍ବଦା ନିୟୋଜିତ କରିଆସୁଥିଲେ। ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ସହ ଅଞ୍ଚଳର ଉନ୍ନତି ପାଇଁ ସେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ତାଙ୍କର ଏହି ଅକାଳ ବିୟୋଗ କେବଳ କଂଗ୍ରେସ ଦଳ ପାଇଁ ନୁହେଁ, ବରଂ ସମଗ୍ର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# 'ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷକରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କର'

କୁଚିଣ୍ଡା,୧୦।୭ (ନିପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ କଲୁଙ୍ଗା ଗୋରଖ ୱାମନରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଗସ୍ତ କରି ବିଭିନ୍ନ ଉଦ୍ୟାନ କୃଷି ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଉଚ୍ଚସ୍ତରୀୟ ଟିମ୍ କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର ବୁଦୁଲାପାଲି ଓ ପାନପାଲି ଗ୍ରାମକୁ ପରିଦର୍ଶନରେ ଯାଇ ସେଠାରେ ବ୍ୟାପକ ଭାବେ ଚାଷ ହୋଇଥିବା ଲଙ୍କା ମରିଚ, ପିଜୁଳି, ସପୁରୀ ଓ ଆମ୍ବ ବଗିଚା ବୁଲି ଦେଖିଥିଲେ।



ବୁଦୁଲାପାଲି ଗ୍ରାମର ଅଶୋକ କୁମାର ପାଣିଗ୍ରାହୀଙ୍କ ସହ ୨୦ ଜଣ ଚାଷୀଙ୍କ ପିଜୁଳି, ସପୁରୀ,ଆମ୍ବ ବଗିଚା ପରିଦର୍ଶନ କରିଥିଲେ। ପରେ ହାଡ଼ିପାଲି ପଞ୍ଚାୟତର ପାନପାଲି ଗ୍ରାମକୁ ଯାଇ ସୁଶିଳ କୁମାର ପଟେଲଙ୍କ ସହ ଗ୍ରାମର ୬୦ ଜଣ ଚାଷୀଙ୍କ ୨୦ ହେକ୍ଟର ଜମିରେ ହୋଇଥିବା ଲଙ୍କା ମରିଚ ଚାଷ ଦେଖିଥିଲେ। ଏହି ଅବସରରେ ଅଧିକାରୀମାନେ ଉଭୟ ଗ୍ରାମର ଚାଷୀ ଓ ପ୍ରଡ୍ୟୁସର ଗ୍ରୁପ ସହିତ ଉପଯୁକ୍ତ ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ କୃଷି ସଚିବ ବଗିଚାର ଆମ୍ବ, ପିଜୁଳି ସହ ଓ ସପୁରୀ ସହ ଲଙ୍କା ଚାଷର ସ୍ଥିତି ପରଖି ସଚ୍ଚି ଯାଦବ ଏବଂ ନିର୍ଦ୍ଦେଶକ ୱାମନ କହିଥିଲେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷକରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଉଦ୍ୟାନ କୃଷିର ବିକାଶ ନିମନ୍ତେ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସଚ୍ଚି ଯାଦବ ପ୍ରତିଶୃତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ସମ୍ବଲପୁର ଜିଲ୍ଲା ଉପନିର୍ଦ୍ଦେଶକ ସତ୍ୟବାନ୍ ସୋରେନ, ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ରାଜ୍ବାଲା ମହାପାତ୍ର, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା,କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ,ଉପଖଣ୍ଡ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସତ୍ୟଭାମା ଧାନଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିନା ଆଡମିଶନ ଦେୟରେ ଯୁକ୍ତ ଦୁଇ ନାମଲେଖା ଆରମ୍ଭ

ନିରାକାରପୁର,୧୦।୭ (ନିପ୍ର): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ (+୨) ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ପ୍ରଥମ ବର୍ଷ ନାମଲେଖା ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ସରକାରଙ୍କ ସ୍ୱତନ୍ତ୍ର ଗାଇଡଲାଇନ ଅନୁଯାୟୀ, ଚଳିତ ବର୍ଷ ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କଠାରୁ କୌଣସି ପ୍ରକାରର ଆଡ଼ମିଶନ ଦେୟ ଗ୍ରହଣ କରାଯାଇ ନାହିଁ। ସରକାରଙ୍କ ଏହି ଜନହିତକର ନିଷ୍ପତ୍ତିକୁ ଅଭିଭାବକ ଓ ମହଲରେ ବେଶ୍ ସ୍ୱାଗତ କରାଯାଇଛି। ଏହି କ୍ରମରେ ଆଜି ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ରାମଚନ୍ଦ୍ର କଞ୍ଚନା ଉଚ୍ଚ ମାଧମିକ ବିଦ୍ୟାଳୟ, ମଳିପଡାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ନିରାକାରପୁରସ୍ଥିତ ପ୍ରସିଦ୍ଧ କ୍ଷେତ୍ରବାସୀ ଡି.ଏ.ଭି. ଉଚ୍ଚ ମାଧମିକ ବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସରକାରଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରାଯାଇ ଶୂନ୍ୟ ଦେୟରେ ପିଲାଙ୍କର ଆଡମିଶନ କରାଯାଉଛି। ଫଳରେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ନାହିଁ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ମା'ଙ୍କ ନାମରେ ଗଛଟିଏ

ରାୟଗଡା,୧୦।୭ (ନିପ୍ର); ରାୟଗଡା ବନଖଣ୍ଡ ଅନ୍ତର୍ଗତ ରାୟଗଡା ବନାଞ୍ଚଳ ର ଅଡୁଗୁଡା ଗ୍ରାମ ନିକଟସ୍ଥ ସହରାଞ୍ଚଳ ବନୀକରଣ ପରିସରରେ ଜିଲ୍ଲା ସ୍ତରୀୟ ୭୭ ତମ ବନମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦାମୋଦର ରଥ ,ଜିଲ୍ଲା ମାଜିଷ୍ଟ୍ରେଟ , ରାୟଗଡା ଯୋଗଦାନ କରି ନିଜ ମା'ଙ୍କ ନାମରେ ଏକ ଗଛ ଟିଏ ରୋପଣ କରି କାର୍ଯକ୍ରମର ଶୁଭାରମ୍ଭ କରିଥିଲେ ।

# ପୋଡ଼ାମପେଟାରେ ଯୋଗ ପ୍ରଶିକ୍ଷଣ ଶିବିର

ରମ୍ଭା,୧୦।୭ (ନିପ୍ର); କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଏକ ତିନିମାସିଆ ଯୋଗ ପ୍ରଶିକ୍ଷଣ ଶିବିର ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓ ଡିଆରପି କଲୋନୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦ୍‌ଘାଟନ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ପରାମର୍ଶ କ୍ରମେ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଶିବିରରେ ଯୋଗ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି । ଉଦ୍‌ଘାଟନ ସମାବେଶରେ ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଅନୁଷ୍ଠାନର ଏପିଓ ଉମାକାନ୍ତ ବେହେରା ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିବା ସହ ଯୋଗାଭ୍ୟାସ ଶାରୀରିକ ସୁସ୍ଥତା ସହ ମାନସିକ ବିକାଶ ର ସାହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଯୋଗ ପ୍ରଶିକ୍ଷକ ସିଏଚ ଗୌରହରି ଯୋଗ ପ୍ରଶିକ୍ଷଣ ପ୍ରଦାନ କରୁଥିବା ବେଳେ ଜେ. ଟିଟୁ ଓ ସି ଏଚ ପଦ୍ମିନୀ ଶିବିର ପରିଚାଳନା କରୁଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଚାରା ରୋପଣ

ଭଦ୍ରକ,୧୦।୭ (ନିପ୍ର); ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସୂଚନା ଲୋକସଂପର୍କ ଉପଖଣ୍ଡ ଅଧିକାରୀ ମଧୁସ୍ମିତା ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବୃକ୍ଷରୋପଣ କରିଥିବା ବେଳେ ସମାଜସେବୀ ଅଶୋକ କୁମାର ଦାସ, ନରେନ୍ଦ୍ର ସାମଲ, ନିରଞ୍ଜନ ସାହୁ, ଅଧାପକ ଶୁକଦେବ ପଣ୍ଡା, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମାଜସେବୀ ଅଜୟ ସାହୁ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ, ପ୍ରଭାତୀ ନାୟକ, ସ୍ୱର୍ଣ୍ଣଲତା ପାକଳ, ସିଦ୍ଧାର୍ଥ ସାହୁ ଓ ଆଶୁତୋଷ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିବା ସଂଗେ ସଂଗେ ସ୍ୱଚ୍ଛ ପରିବେଶ ସୃଷ୍ଟି କଲେ ସ୍ୱଚ୍ଛ ଭାରତ ଗଠନ ହୋଇପାରିବ ବୋଲି ପୃଥକ୍ ପୃଥକ ବକ୍ତବ୍ୟ ରଖିଥିଲେ ।

# କୁଳପତିଙ୍କ ବୈଦିକ ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ପାଇଁ ନିଆରା ପ୍ରୟାସ

ନିରାକାରପୁର,୧୦।୭ (ନିପ୍ର): ଏକ ସୁସଂଗଠିତ ଉତ୍କୃଷ୍ଟ ସମାଜ ଗଠନରେ ସନାତନ ବୈଦିକ ସଂସ୍କୃତି ଓ ପରମ୍ପରାର ଆବଶ୍ୟକତା ଅଛି । ଏଥିପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଓ ଶ୍ରୀ ଭେଙ୍କଟେଶ୍ୱର ବୈଦିକ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼ଃ ବଳଭଦ୍ର ଉପାଧାୟଙ୍କ ଦ୍ୱାରା ଶ୍ରୀ ଗୋପିନାଥଙ୍କ ପୀଠ ଦିବ୍ୟସିଂହପୁରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦେବୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦ ପାଠଶାଳାର ସମସ୍ତ ଆଚାର୍ଯ୍ୟ, ବିଦ୍ୟାର୍ଥୀ ଗ୍ରାମ ତଥା ନିକଟସ୍ଥ ଗ୍ରାମର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରଫେସର ଆଚାର୍ଯ୍ୟ ଅବକ୍ଷୟ ହେବାକୁ ଯାଉଥିବା ସନାତନ ବୈଦିକ ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରଖିବା ଦ୍ୱାରା ସୁସଂଗଠିତ ଉତ୍କୃଷ୍ଟ ସମାଜ ଗଠନରେ ସହାୟକ ହେବ ସହିତ ବିଶ୍ୱର କଲ୍ୟାଣ ସାଧନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଡଃ ବଳଭଦ୍ର ଉପାଧାୟ ବେଦର ପ୍ରଚାର ପ୍ରସାର ଦ୍ୱାରା ବୈଦିକ ସନାତନ ସଂସ୍କୃତିର ସୁରକ୍ଷା ନିଜର ବକ୍ତବ୍ୟ ରଖିଥିଲେ। ପଣ୍ଡିତ ତପନ କୁମାର ମହାପାତ୍ର ପୁଷ୍ପମାଲ୍ୟ ଓ ଉପଢ୍ୌକନ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବଂଶଧାରା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାୟଗଡ଼ା ଓ ଗଜପତିର ଚାଷଜମିକୁ ସ୍ଥାୟୀ ଜଳସେଚନ ସୁବିଧା ମିଳିବ

ରାୟଗଡା:୯/୭(ନି:ପ୍ର)ଲୋୟର ବଂଶଧାରା ପ୍ରକଳ୍ପ (ପ୍ରଥମ ପର୍ଯ୍ୟାୟ) ଦିଗରେ ଐତିହାସିକ ଅଗ୍ରଗତି – ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ସର୍ବସ୍ତରରେ ସ୍ୱାଗତ ବହୁ ପ୍ରତୀକ୍ଷିତ ଲୋୟର ବଂଶଧାରା ପ୍ରକଳ୍ପ (ପ୍ରଥମ ପର୍ଯ୍ୟାୟ) ପାଇଁ ପରିବେଶ ଅନୁମୋଦନ ଏବଂ ବନଭୂମି ପରିବର୍ତ୍ତନ ସମ୍ବନ୍ଧୀୟ ବୈଧାନିକ ଅନୁମତି ହାସଲ କରିବା ନିମନ୍ତେ ପରାମର୍ଶଦାତା ସଂସ୍ଥା ନିଯୁକ୍ତି ପାଇଁ ଟେଣ୍ଡର ଆହ୍ୱାନ କରାଯିବା ଓଡ଼ିଶା ସରକାରଙ୍କ ଏକ ଦୂରଦର୍ଶୀ, ସମୟୋପଯୋଗୀ ଓ ପ୍ରଶଂସନୀୟ ପଦକ୍ଷେପ। ଦଶନ୍ଧି ଧରି ଲୋକଙ୍କ ମନରେ ସଞ୍ଚିତ ଆଶା, ଆକାଂକ୍ଷା ଓ ଅପେକ୍ଷାକୁ ଏହି ନିଷ୍ପତ୍ତି ନୂତନ ପ୍ରେରଣା ଓ ଆଶ୍ୱାସନା ପ୍ରଦାନ କରିଛି। ଏହି ପ୍ରକଳ୍ପ ଅଧୀନରେ ଖଇରା ନିକଟରେ ସାନା ନଦୀ ଉପରେ ୩.୨ କିଲୋମିଟର ଲମ୍ବ ବିଶିଷ୍ଟ ମୃତ୍ତିକା ବନ୍ଧ, ପାଣିଦାନଗର ନିକଟରେ ବଂଶଧାରା ନଦୀ ଉପରେ ୧.୮୫ କିଲୋମିଟର ଲମ୍ବ ବିଶିଷ୍ଟ ବ୍ୟାରେଜ୍ ଏବଂ ପ୍ରାୟ ୭୪ କିଲୋମିଟର ବାମ ମୁଖ୍ୟ କେନାଲ ଓ ୪୮ କିଲୋମିଟର ଦକ୍ଷିଣ ମୁଖ୍ୟ କେନାଲ ନିର୍ମାଣର ପରିକଳ୍ପନା ରହିଛି। ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ରାୟଗଡ଼ା ଓ ଗଜପତି ଜିଲ୍ଲାର ବିସ୍ତୀର୍ଣ୍ଣ ଚାଷଜମିକୁ ସ୍ଥାୟୀ ଜଳସେଚନ ସୁବିଧା ମିଳିବ। ଏହା କେବଳ କୃଷି ଉତ୍ପାଦନ ବୃଦ୍ଧି, ଫସଲ ବିବିଧୀକରଣ ଓ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେବ ନାହିଁ; ବରଂ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା, ରୋଜଗାର ସୃଷ୍ଟି, ଜଳ ନିରାପତ୍ତା ସୁନିଶ୍ଚିତ କରିବା ଏବଂ ସମଗ୍ର ଅଞ୍ଚଳର ସନ୍ତୁଳିତ ସାମାଜିକ ଓ ଆର୍ଥିକ ବିକାଶର ଦୃଢ଼ ଭିତ୍ତି ସ୍ଥାପନ କରିବ। ଆଜିର ଏହି ଅଗ୍ରଗତି କୌଣସି ଏକକ ପ୍ରୟାସର ଫଳ ନୁହେଁ; ବରଂ ଏହା ବହୁ ବର୍ଷର ସାମୂହିକ ସଂଘର୍ଷ, ନିରନ୍ତର ଅନୁସରଣ ଏବଂ ଜନଆକାଂକ୍ଷାର ଏକ ସାର୍ଥକ ପ୍ରତିଫଳନ। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଥିବାରୁ ଓଡ଼ିଶା ସରକାର ନିଶ୍ଚିତ ଭାବେ ଅଭିନନ୍ଦନର ପାତ୍ର। ସେହିପରି, ଏହି ପ୍ରକଳ୍ପକୁ ନେଇ ଓଡ଼ିଶା ବିଧାନସଭାରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଉକ୍ତ ପାଣିଡ଼ଙ୍ଗର ପ୍ରକଳ୍ପ ଉପରେ ନିରନ୍ତର ଭାବେ ପ୍ରଶ୍ନ ଉପସ୍ଥାପନ ଓ ଉତ୍ଥାପନ କରିଆସୁଥିଲେ ଓ ଭାରତୀୟ ସଂସଦରେ ନିରନ୍ତର ସ୍ୱର ଉତ୍ତୋଳନ କରିଥିବା, ସମ୍ପୃକ୍ତ ମନ୍ତ୍ରଣାଳୟ ଓ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା ଓ ଅନୁସରଣ କରିଥିବା ଜନପ୍ରତିନିଧିମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ଏହି ସଫଳତାର ଏକ ଅବିଚ୍ଛେଦ୍ୟ ଅଧ୍ୟାୟ। ଏହା ସହିତ ସାମାଜିକ ସଂଗଠନ, କୃଷକ ସଂଘ, ଜନପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ଏବଂ ଅସଂଖ୍ୟ ସଚେତନ ନାଗରିକ—ଯେଉଁମାନେ ସଭା, ସଚେତନତା ଅଭିଯାନ, ଜନଆନ୍ଦୋଳନ, ସ୍ୱାକ୍ଷର ଅଭିଯାନ ଏବଂ ବିଭିନ୍ନ ସ୍ତରରେ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ଏହି ପ୍ରକଳ୍ପକୁ ଜନମାନସରେ ଜୀବନ୍ତ ରଖିଥିଲେ। ସେମାନଙ୍କ ଅବଦାନ ମଧ ସମାନ ଭାବେ ସ୍ମରଣୀୟ ଓ ପ୍ରଶଂସନୀୟ। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଅବଦାନ ରଖିଥିବା ସମସ୍ତଙ୍କୁ ଆମର ଆନ୍ତରିକ ଅଭିନନ୍ଦନ ଓ କୃତଜ୍ଞତା। ଆମର ଦୃଢ଼ ବିଶ୍ୱାସ, ଅବଶିଷ୍ଟ ସମସ୍ତ ବୈଧାନିକ ଅନୁମୋଦନ ଓ ପ୍ରଶାସନିକ ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ ହେବ ଏବଂ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆଉ ବିଳମ୍ବ ନକରି ଆରମ୍ଭ ହେବ। ଗୁଣପୁର ଉପଖଣ୍ଡ ସମେତ ସମଗ୍ର ଦକ୍ଷିଣ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ହେଉଛି ଏହି ପ୍ରକଳ୍ପ। ଏହାର ସଫଳ କାର୍ଯ୍ୟକାରିତା କେବଳ କୃଷି, ଅର୍ଥନୀତି ଓ ଜୀବନଜୀବିକାରେ ନୂତନ ଦିଗନ୍ତ ଉନ୍ମୋଚନ କରିବ ନୁହେଁ, ବରଂ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଦକ୍ଷିଣ ଓଡ଼ିଶା ଗଠନରେ ଏକ ଯୁଗାନ୍ତକାରୀ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଆଗାମୀ ପିଢ଼ି ପାଇଁ ଏହା ଉନ୍ନୟନ, ସାମୂହିକ ସଂକଳ୍ପ ଏବଂ ଜନଶକ୍ତିର ଏକ ଅବିସ୍ମରଣୀୟ ନିଦର୍ଶନ ହୋଇ ରହିବ ବୋଲି ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ଗଜପତି ଜିଲ୍ଲାରୁ ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଥିବା ବେଳେ ଏହି ଦୁଇ ଜିଲ୍ଲାର କୃଷିର ବିକାଶ ପାଇଁ ସରକାରଙ୍କ ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି କହିବା ସହିତ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି।

### ବିଜେପିର ଦମନଲୀଳା ବିରୋଧରେ ଗର୍ଜିଲେ ମମତା ବାନାର୍ଜୀ

# ମତେ ଚୁପ୍ କରିବାକୁ ହେଲେ ମାରିବାକୁ ପଡ଼ିବ

କୋଲକାତା, ୧୦/୭: ପଶ୍ଚିମବଙ୍ଗର ଶାସକ ଦଳ ବିଜେପି (ଭାରତୀୟ ଜନତା ପାର୍ଟି) ଓ ଟିଏମସି (ତୃଣମୂଳ କଂଗ୍ରେସ) ମଧ୍ୟରେ ଚାଲିଥିବା ରାଜନୈତିକ ବିଦ୍ରୋହ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ନିରବତା ଭାଙ୍ଗିଛନ୍ତି। ଏକ ଭିଡିଓ ଜାରି କରି ବିଜେପି ଉପରେ ବର୍ଷିବା ସହ ଦଳକୁ ଭୟଭୀତ ଓ ଦମନ କରିବା ପାଇଁ ସମସ୍ତ ସୀମା ପାର କରିଥିବା ଅଭିଯୋଗ କରିଛନ୍ତି। ମମତା କହିଛନ୍ତି ମତେ ଚୁପ କରିବାକୁ ହେଲେ ମତେ ମାରିବାକୁ ପଡ଼ିବ, ଅବଶ୍ୟ ବିଜେପି ଏହା କରିବା ପାଇଁ କୌଣସି ଚେଷ୍ଟା ବାକି ରଖିନାହିଁ। ବିଜେପି ପକ୍ଷରୁ ମହୁଆ ମୈତ୍ରା, ଅଭିଷେକ ବାନାର୍ଜୀ ଓ କଲ୍ୟାଣ ବାନାର୍ଜୀଙ୍କ ଭଳି ବରିଷ୍ଠ ଟିଏମସି ନେତାମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ



କରାଯାଇଛି, ଏପରିକି ତାଙ୍କ ଘର ଉପରକୁ ମଧ୍ୟ ଆକ୍ରମଣ କରାଯାଇଛି ବୋଲି ମମତା ଅଭିଯୋଗ କରିଛନ୍ତି। ଏହି ସଙ୍କଟ ଜନିତ ପରିସ୍ଥିତି ମଧ୍ୟରେ ମମତା ଆହୁରି କହିଛନ୍ତି ଯେ ପୁଲିସ ହେପାଜତରେ ତାଙ୍କ ଦଳର ନେତାମାନଙ୍କୁ ଅତି ଅମାନୁଷିକ ଓ ଅମାନବୀୟ ବ୍ୟବହାର କରାଯାଉଛି। ଅନେକ ସହକର୍ମୀଙ୍କୁ ଚଟାଣରେ ଶୁଆଇ ଦିଆଯାଉଛି, ଅଣ୍ଟାରେ ଦଉଡ଼ି ଓ ଗୋଡ଼ରେ ବେଡ଼ି ପକାଇ ଚଲାଯାଉଛି, କାହାକୁ ଲଣ୍ଡା କରାଯାଉଛି ତ କାହା ଉପରକୁ ଅତି ଅପବିତ୍ର ଜିନିଷ ଫିଙ୍ଗାଯାଉଛି, ଯାହା ବିଷୟରେ କହିବା ମଧ୍ୟ ଲଜ୍ଜାଜନକ। ଏହା ସତ୍ତ୍ୱେ ଟିଏମସି ନିଜର ରାଜନୈତିକ ଲଢ଼େଇ ଜାରି ରଖିବ ଏବଂ କାହାକୁ ଭୟ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ସହ ରାଜ୍ୟର କେତେକ ସରକାରୀ ସ୍କୁଲରେ ପାଇଲଟ୍ ପ୍ରୋଜେକ୍ଟ ଅଧୀନରେ ମଧ୍ୟାହ୍ନ ଭୋଜନରୁ ଅଣ୍ଡା ହଟାଇ ନିରାମିଷ ଖାଦ୍ୟ ଦେବା ପାଇଁ ବିଜେପି ସରକାରଙ୍କ ନିଷ୍ପତ୍ତିକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ମମତା କହିଛନ୍ତି ଯେ ଗରିବ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ମିଳୁନାହିଁ, କିନ୍ତୁ ସରକାର କେବଳ ରାଜନୈତିକ ପ୍ରତିଶୋଧ ନେବାରେ ବ୍ୟସ୍ତ ଅଛନ୍ତି, ଯାହା ବେଙ୍ଗଲର ସଂସ୍କୃତି କେବେ ନଥିଲା। ସେ ନିଜର ୧୫ ବର୍ଷର ଶାସନ କାଳରେ କେବେ ପୁଲିସ ଦ୍ୱାରା ଏଭଳି କାର୍ଯ୍ୟ କରାଇନାହାନ୍ତି ବୋଲି କହିବା ସହ ଏହି ଯୋଜନାରେ ସାମିଲ ଥିବା ରୋଷେୟା ଓ ସହଯୋଗୀମାନେ ମଧ୍ୟ ବର୍ତ୍ତମାନ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପ୍ରକାଶ କରିଛନ୍ତି।

## ଇରାନକୁ ପୁଣି କଡ଼ା ଚେତାବନୀ ଦେଲେ ନେତାନ୍ୟାହୁ

ଜେରୁଜେଲମ, ୧୦/୭: ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନ ବିରୋଧରେ ସାମରିକ ଅଭିଯାନ ସମ୍ପର୍କରେ ପୁଣି ଥରେ କଡ଼ା ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଇରାନ ସହ ସଂଘର୍ଷ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନ କରାଯିବା ପର୍ଯ୍ୟନ୍ତ ଇସ୍ରାଏଲ ନିଜର ଲକ୍ଷ୍ୟ ପୂରଣ ହୋଇଛି ବୋଲି ମନେ କରିବ ନାହିଁ। ଗୁରୁବାର ହାଟଜେରିମ୍ ଏୟାର ବେସରେ ଇସ୍ରାଏଲ ବାୟୁସେନା ସମାରୋହରେ ଏକ ଅଭିଭାଷଣ ଦେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ନେତାନ୍ୟାହୁଙ୍କ କହିବା ଅନୁସାରେ, ଇରାନ ପାଖରେ ଏବେ ବି ବିପୁଳ ପରିମାଣର ଉଚ୍ଚମାନର ସମୃଦ୍ଧ ୟୁରାନିୟମ୍ ରହିଛି। ଏହାକୁ ଇରାନରୁ ହଟାଇବା ସହ ସେଠାରେ ଥିବା ୟୁରାନିୟମ୍ ସମୃଦ୍ଧୀକରଣ କେନ୍ଦ୍ରଗୁଡ଼ିକୁ ବନ୍ଦ କରିବା ଆବଶ୍ୟକ। ଏହା ସହ ଇରାନ ସମର୍ଥିତ ସଶସ୍ତ୍ର ଗୋଷ୍ଠୀ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଇସ୍ରାଏଲ ପାଇଁ ବଡ଼ ବିପଦ ହୋଇ ରହିଛି। ଏହି ସବୁ ବିପଦକୁ ସମ୍ପୂର୍ଣ୍ଣ ଦୂର ନ କରାଯିବା ପର୍ଯ୍ୟନ୍ତ ସଂଘର୍ଷର ଲକ୍ଷ୍ୟ ପୂରଣ ହେବ ନାହିଁ।

## ଭୟଙ୍କର ବନାଗ୍ନି: ୧୨ ମୃତ

ମାଦ୍ରିଦ, ୧୦/୭: ସ୍ପେନର ଦକ୍ଷିଣ ଆଣ୍ଡାଲୁସିଆ ଅଂଚଳରେ ଭୟଙ୍କର ଜଙ୍ଗଲ ନିଆଁ ଯୋଗୁ ଅତିକମ୍‌ରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଶୁଷ୍କ ପାଗ ଯୋଗୁ ନିଆଁ ଦ୍ରୁତଗତିରେ ବ୍ୟାପିବାରୁ ଉଦ୍ଧାର ଓ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଦଳଙ୍କୁ ଭାରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅଧିକାରୀମାନଙ୍କ କହିବା ଅନୁସାରେ ଅଗ୍ନିକାଣ୍ଡରେ ବିଶାଳ ଜଙ୍ଗଲ ଅଂଚଳ ପୋଡ଼ିଯାଇଥିବା ବେଳେ ଅନେକ ଘର ଓ କୃଷିଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଆଣ୍ଡାଲୁସିଆର ଅନେକ ପାହାଡ଼ିଆ ଓ ଜଙ୍ଗଲ ଅଞ୍ଚଳରେ ନିଆଁ ଅତ୍ୟନ୍ତ ଦ୍ରୁତ ବେଗରେ ବ୍ୟାପିଥିଲା। ତୀବ୍ର ଗରମ, କମ୍ ଆର୍ଦ୍ରତା ଓ ପ୍ରବଳ ପବନ ଯୋଗୁ ପରିସ୍ଥିତି ଅଣାୟତ ହୋଇପଡ଼ିଛି। ନିଆଁର ଭୟାବହତା ଦେଖି ଅନେକ ଗାଁ ଓ ବସତି ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କେତେକ ସ୍ଥାନରେ ସଡ଼କ ବନ୍ଦ କରାଯାଇଥିବା ବେଳେ ବିଦ୍ୟୁତ୍ ଓ ଯୋଗାଯୋଗ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି।

## ପୋକ୍ସୋ ମାମଲା ଲୁଚାଇବା ଗୁରୁତର ଅପରାଧ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ୧୦।୭: ଶିଶୁ ଯୌନ ନିର୍ଯାତନା ରୋକିବା ଆଇନ(ପୋକ୍ସୋ)ଆକ୍ଟ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କୌଣସି ପୀଡ଼ିତ ଶିଶୁଠାରୁ ଯୌନ ନିର୍ଯାତନାର ସିଧାସଳଖ ସୂଚନା ପାଇବା ପରେ ସ୍କୁଲ କର୍ତ୍ତୃପକ୍ଷ କିମ୍ବା କୌଣସି ବ୍ୟକ୍ତି ନିଜ ସ୍ତରରେ ଗୁପ୍ତ ଯାଞ୍ଚ କରି ପୁଲିସକୁ ନ ଜଣାଇ ରହିପାରିବେ ନାହିଁ। ଏହା କରିବା ଏକ ଦଣ୍ଡନୀୟ ଅପରାଧ। ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଆସାମର ଗୁଆହାଟୀ ସ୍ଥିତ ଏକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାମଲାରୁ ମୁକ୍ତ କରିବା ପାଇଁ ନିମ୍ନ ଅଦାଲତ ଏବଂ ଗୁଆହାଟୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ଏହାସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବ ବୋଲି କହିଛନ୍ତି ।

### ରାମମନ୍ଦିର ଦାନ ଚୋରି ମାମଲା

## ସୋମବାର ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୦/୭: ଅଯୋଧ୍ୟାରା ମନ୍ଦିରରେ ଭକ୍ତମାନଙ୍କ ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀ ଆତ୍ମସାତ୍ ହୋଇଥିବା ଅଭିଯୋଗର ସିବିଆଇ ତଦନ୍ତ ଦାବି କରି ଦାଖଲ ହୋଇଥିବା ଏକାଧିକ ଜନସ୍ୱାର୍ଥ ଆବେଦନର ଶୁଣାଣି ଜୁଲାଇ ୧୩ରେ ସୁପ୍ରିମ୍‌କୋର୍ଟ କରିବେ। ସୁପ୍ରିମ୍‌କୋର୍ଟର ୱେବସାଇଟ୍ ଅନୁଯାୟୀ, ସୋମବାର କୋର୍ଟ ଖୋଲିବା ପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ତିନୋଟି ଆବେଦନର ଶୁଣାଣି କରିବେ। ପୂର୍ବରୁ ଆବେଦନକାରୀମାନେ ଜରୁରି ଶୁଣାଣି ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଅଦାଲତ ସେହି ଅନୁରୋଧକୁ ଗ୍ରହଣ ନ କରି ନଥିଲେ। ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଗୋଟିଏ ପିଟିସନରେ ଏହି ଆତ୍ମସାତ୍ ଘଟଣାର



ସିବିଆଇ ତଦନ୍ତ ଓ ଟ୍ରଷ୍ଟର ଆର୍ଥିକ ସ୍ଥିତିର କଂଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଅଡିଟ୍ କରିବାକୁ ଦାବି କରାଯାଇଛି। ଓକିଲ ଅଜୟ କୁମାର ରାୟ ଓ ଦୀନେଶ କୁମାର ଯାଦବଙ୍କ ଦ୍ୱାରା ଦାଖଲ ଦ୍ୱିତୀୟ ପିଟିସନରେ ଟ୍ରଷ୍ଟର ବ୍ୟାପାର ଓ ପ୍ରଶାସନ ସହ ଜଡ଼ିତ ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ସିବିଆଇ ନେତୃତ୍ୱାଧୀନ ମଲ୍ଟି ଡିସିପ୍ଲିନାରୀ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି) ଗଠନ କରିବାକୁ ଦାବି କରାଯାଇଛି। ଆରଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା ଦାଖଲ ତୃତୀୟ ଆବେଦନରେ ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତିର ଫୋରେନସିକ୍ ଅଡିଟ୍ ପାଇଁ ଦାବି କରାଯାଇଛି। ଆବେଦନଗୁଡ଼ିକରେ କୁହାଯାଇଛି, ଉତରପ୍ରଦେଶ ସରକାର ଗଠନ କରିଥିବା ଏସ୍ଆଇଟି ତଦନ୍ତ ଜାରି ରଖିଥିଲେ ମଧ୍ୟ ଜଟିଳ ଆର୍ଥିକ ମାମଲାର ତଦନ୍ତ ପାଇଁ ଆବଶ୍ୟକ ସୁବିଧା ଓ ଦକ୍ଷତା ତାଙ୍କ ପାଖରେ ନାହିଁ। ଏଥିସହ ଟ୍ରଷ୍ଟର ପ୍ରମୁଖ ପଦାଧିକାରୀଙ୍କ ବିରୋଧରେ ମାମଲା ରୁଜୁ ନ କରି ତଦନ୍ତ ଆରମ୍ଭ କରାଯାଇଥିବାରୁ ଏହାର ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହି କାରଣରୁ ସିବିଆଇ ନେତୃତ୍ୱରେ ବହୁ ସଂସ୍ଥାକୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି।

### ୨୦୨୯ ଲୋକସଭା ନିର୍ବାଚନରୁ...

## 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରେ



ନୂଆଦିଲ୍ଲୀ, ୧୦/୭: ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ୨୦୨୯ ଲୋକସଭା ନିର୍ବାଚନରୁ କାର୍ଯ୍ୟକାରୀ ହୋଇପାରେ ବୋଲି ଏହି ପ୍ରସ୍ତାବକୁ ଯାଂଚ କରୁଥିବା ମିଳିତ ସଂସଦୀୟ କମିଟି (ଜେପିସି)ର ଅଧ୍ୟକ୍ଷ ପିପି ଚୌଧୁରୀ ଶୁକ୍ରବାର ଆଶା ପ୍ରକାଶ କରିଛନ୍ତି। ତେବେ ଚଳିତ ସଂସଦ ଅଧିବେଶନରେ କମିଟି ଏହାର ରିପୋର୍ଟ ଦାଖଲ କରିବା ସମ୍ଭାବନା କମ୍ ଥିବା ସେ ସ୍ପଷ୍ଟ କରିଛନ୍ତି। ଚୌଧୁରୀ କହିଛନ୍ତି, କମିଟି ଏବେ ବିଭିନ୍ନ ରାଜ୍ୟରେ ବ୍ୟାପକ ପରାମର୍ଶ ପ୍ରକ୍ରିୟା ଚଳାଇଛି। ସମସ୍ତ ପକ୍ଷଙ୍କ ମତାମତ ସଂଗ୍ରହ କରିବା ପରେ ହିଁ ଅନ୍ତିମ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି କାରଣରୁ ସଂସଦର ଆଗାମୀ ଅଧିବେଶନରେ ରିପୋର୍ଟ ଦାଖଲ କରିବା କଷ୍ଟକର ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା କମିଟି ଅନେକ ରାଜ୍ୟ ଗସ୍ତ କରି ବିଭିନ୍ନ ହିତାଧିକାରୀଙ୍କ ସହ ଆଲୋଚନା କରିଥିବା ବେଳେ ଦିଲ୍ଲୀ, ଗୋଆ ଓ ଉତରପ୍ରଦେଶରେ ପରାମର୍ଶ ପ୍ରକ୍ରିୟା ବାକି ରହିଛି। ତାଙ୍କ କହିବା ଅନୁସାରେ, ଯଦି ସଂସଦ ୨୦୨୮ ଜୁଲାଇ ସୁଦ୍ଧା ସମ୍ପୃକ୍ତ ବିଧେୟକକୁ ମଞ୍ଜୁରି ଦେଇଦିଏ, ତେବେ ୨୦୨୯ ଲୋକସଭା ନିର୍ବାଚନରୁ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ଆରମ୍ଭ କରିବା ସମ୍ଭବ ହେବ। ଏହା ପାଇଁ ଆଇନଗତ ଓ ପ୍ରଶାସନିକ ପ୍ରସ୍ତୁତି ନେବାକୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ସେ ମତ ଦେଇଛନ୍ତି। ଜେପିସି ଅଧ୍ୟକ୍ଷ କହିଛନ୍ତି, ଏହି ପ୍ରସ୍ତାବର ଉଦ୍ଦେଶ୍ୟ ହେଉଛି ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନକୁ ଏକାସାଙ୍ଗରେ କରାଇବା। ବାରମ୍ବାର ନିର୍ବାଚନ ହେବା ଯୋଗୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଏକକାଳୀନ ନିର୍ବାଚନ ହେଲେ ପ୍ରଶାସନିକ ଦକ୍ଷତା ବଢ଼ିବ, ନିର୍ବାଚନ ଖର୍ଚ୍ଚ କମିବ ଏବଂ ସରକାରମାନେ ବିକାଶମୂଳକ କାର୍ଯ୍ୟରେ ଅଧିକ ଧ୍ୟାନ ଦେଇପାରିବେ ବୋଲି ସେ କହିଛନ୍ତି।

## ଆଣବିକ ଶକ୍ତି କେନ୍ଦ୍ର ବିସ୍ଫୋରଣରେ ଥରିଲା

ତେହେରାନ୍/ୱାଶିଂଟନ୍, ୧୦।୭ : ହରମୁଜ୍ ଷ୍ଟ୍ରେଟ୍ ଉପରେ ଆମେରିକା ଏବଂ ଇରାନ ମଧ୍ୟରେ ଆଧିପତ୍ୟ ପାଇଁ ଲଢ଼େଇ ଉପସାଗରୀୟ ଦେଶଗୁଡ଼ିକୁ ଲ୍ୟାଣ୍ଡମାଇନ୍ ବିସ୍ତାର କରିଛି। ଭୟଙ୍କର ଲଢ଼େଇ ମଧ୍ୟରେ ଇରାନର ବୁଶହର ଆଣବିକ ଶକ୍ତି କେନ୍ଦ୍ର ବିସ୍ଫୋରଣରେ ଥରି ଉଠିଛି। ଦକ୍ଷିଣ ଇରାନ ଉପରେ ସଦ୍ୟତମ ଆକ୍ରମଣରେ ସମ୍ପୃକ୍ତିକୁ ଆମେରିକା ଅସ୍ୱୀକାର କରିଛି। ଫେବୃଆରୀ ୨୮ ରେ ଆମେରିକା-ଇସ୍ରାଏଲ୍ ସମନ୍ୱିତ ସାମରିକ କାର୍ଯ୍ୟାନୁଷ୍ଠାନର ଠିକ୍ ଏକ ମାସ ପରେ ମାର୍ଚ୍ଚ ୨୮ ରେ ଇରାନୀୟ ସୁବିଧା ଟାର୍ଗେଟ କରାଯାଇଥିଲା।ଏହା ଇରାନର ଏକମାତ୍ର ଏବଂ ପ୍ରଥମ କାର୍ଯ୍ୟକ୍ଷମ ଆଣବିକ ଶକ୍ତି କେନ୍ଦ୍ର। ଏହା ଦକ୍ଷିଣ ଇରାନର ବୁଶହର ସହର ନିକଟରେ, ପାରସ୍ୟ ଉପସାଗରର ଉପକୂଳରେ ଅବସ୍ଥିତ। ସାମ୍ପ୍ରତିକ ସଂଘର୍ଷ ସମୟରେ ଏହାର ଆଖପାଖରେ କ୍ଷେପଣାସ୍ତ୍ର ଏବଂ କ୍ଷେପଣାସ୍ତ୍ର ପଡ଼ିବାର ଘଟଣା ରିପୋର୍ଟ କରାଯାଇଛି । ଏହା ୧୯୭୦ ଦଶକରେ ଜର୍ମାନ କମ୍ପାନୀଗୁଡ଼ିକ ଦ୍ୱାରା ଆରମ୍ଭ କରାଯାଇଥିଲା। ପରେ ରୁଷର ସହଯୋଗରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ଏଠାକାର ପ୍ରଥମ ରିଆକ୍ଟର (ୟୁନିଟ-୧) ଜାତୀୟ ଗ୍ରୀଡକୁ ପାଖାପାଖି ୧୦୦୦ ମେଗାୱାଟ ବିଦ୍ୟୁତ ଯୋଗାଇଥାଏ। ସଦ୍ୟତମ ବିସ୍ଫୋରଣ ବ୍ୟାପକ ରେଡିଓଆକ୍ଟିଭ୍ ଲିକ୍ ହେବାର ଆଶଙ୍କା ବୃଦ୍ଧି କରିଛି । ଅଲ ଜଜିରା ଏବଂ ଆକ୍ସିୟୋସ ରିପୋର୍ଟ କରିଛନ୍ତି ଯେ ଦକ୍ଷିଣ ଇରାନର ରଣନୈତିକ ଅଞ୍ଚଳରେ ଏକାଧିକ ଶକ୍ତିଶାଳୀ ବିସ୍ଫୋରଣ ବିଶ୍ୱର ନିଃଶ୍ୱାସ ନେଇଯାଇଛି। ସ୍ଥାନୀୟ ଗଣମାଧ୍ୟମ ଏବଂ ଇରାନୀୟ ଅଧିକାରୀମାନେ ଦାବି କରିଛନ୍ତି ଯେ ଚୋଗାଦକ୍ ସାମରିକ ବେସ୍ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଶେର୍ ପ୍ଲାଣ୍ଟର ଅତି ନିକଟରେ ଏକ ସୁରକ୍ଷା କର୍ଡନ୍ ସହିତ ଟାର୍ଗେଟ କରାଯାଇଛି। ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ଇରାନ ମଧ୍ୟ କାହାକୁ ଦୋଷାରୋପ କରିନାହିଁ। ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ଯେ ୱାଶିଂଟନ୍ ଯେକୌଣସି ମୂଲ୍ୟରେ ଇରାନ ସହିତ ଆଲୋଚନା କରିବାକୁ ପ୍ରତିଶ୍ରୁତିବଦ୍ଧ।

## ହାଇଡ୍ରୋଜେନ୍ ହେଉଛି ପରିବହନ ଶିଳ୍ପର ଭବିଷ୍ୟତ: ଗଡ଼କରୀ



ଗାନ୍ଧୀନଗର, ୧୦/୭: ଇଥାନଲ ମିଶା ପେଟ୍ରୋଲ୍‌କୁ ନେଇ ଦେଶରେ ଚର୍ଚ୍ଚା ଥମୁ ନଥିବା ଭଳି ଏକ ସମୟରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଉ ଏକ ନୂଆ ଇନ୍ଧନ ଆସୁଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ହାଇଡ୍ରୋଜେନ୍ ହେଉଛି ପରିବହନ ଶିଳ୍ପର ଭବିଷ୍ୟତ। ଦେଶର ୧୦ଟି ରୁଟ୍‌ରେ ତାହାର ପରୀକ୍ଷଣ ଚାଲିଛି। ସେ କହିଛନ୍ତି, ଭୁବନେଶ୍ୱର-କୋଣାର୍କ-ପୁରୀ ସମେତ ନୋଏଡା-ଦିଲ୍ଲୀ-ଆଗ୍ରା, ଅହମଦାବାଦ-ବଡୋଦରା-ସୁରତ, ସାହିବାବାଦ-ଫରିଦାବାଦ-ଦିଲ୍ଲୀ, ପୁନେ-ମୁମ୍ବାଇ, ଜାମସେଦପୁର-କଳିଙ୍ଗନଗର, ଥିରୁବନନ୍ତପୁରମ-କୋଚି, କୋଚି-ଇଡାପାଲି, ଜାମନଗର-ଅହମଦାବାଦ ଓ ବିଶାଖାପାଟଣା-ବୟବରମ ରୁଟ୍‌ରେ ଏହି ଇନ୍ଧନର ପରୀକ୍ଷଣ ହେଉଛି। ଦେଶରେ ଆବଶ୍ୟକ ସଂଖ୍ୟକ ବସ୍ ତିଆରି ହେଉନଥିବାରୁ ଗଡ଼କରୀ ଉଦବେଗ ପ୍ରକାଶ କରିଛନ୍ତି। ସେ କହିଥିଲେ ଯେ ବର୍ଷକୁ ୩ ଲକ୍ଷ ବସ୍ ଦରକାର ହେଉଛି। କିନ୍ତୁ ଚିନ୍ତାର ବିଷୟ ଏହା ହେଉଛି ଦେଶ ଭିତରେ ୭୦-୮୦ ହଜାର ବସ୍ ହିଁ ତିଆରି ହୋଇପାରୁଛି। ଲିଥିୟମ୍ ଆୟନ ବ୍ୟାଟେରି ମୂଲ୍ୟରେ ହୋଇଥିବା ହ୍ରାସର ଲାଭ ଗ୍ରାହକମାନଙ୍କୁ ଦେବା ଲାଗି ସେ ଇଲେକ୍ଟ୍ରିକ୍ ବସ୍ ନିର୍ମାତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ବସ୍, ଟ୍ରକ୍ ଓ କାର ଚାର୍ଜିଂ ପାଇଁ ରହିଥିବା ୨୦ ଟଙ୍କାର ମୂଲ୍ୟ ଯଥେଷ୍ଟ ଅଧିକ। ତାହା କମ୍ କରିବା ଉପରେ ସରକାର କାମ କରୁଛନ୍ତି ବୋଲି ଗଡ଼କରୀ କହିଛନ୍ତି।

### ମଣିପୁରରେ ୬ ନାଗା ନାଗରିକ ହତ୍ୟା ମାମଲା

## ଏନଆଇଏ ଦ୍ୱାରା ୨ ଅଭିଯୁକ୍ତ ଗିରଫ

ଇମ୍ଫାଲ, ୧୦/୭: ମଣିପୁରର କାଙ୍ଗପୋକପି ଜିଲ୍ଲାରେ ୬ଜଣ ନାଗା ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ), ମଣିପୁର ପୋଲିସ ଓ ସିଆରପିଏଫର ମିଳିତ ଟିମ୍ ଶୁକ୍ରବାର ସକାଳୁ ଏକ ଗୁପ୍ତ ସୂଚନା ଆଧାରରେ ଜିଲ୍ଲାର ଲୈଲୋନ୍ ଭାଇଫେଇ ଗ୍ରାମରେ ଏକ ସ୍ୱତନ୍ତ୍ର ଅପରେସନ ଚଳାଇ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଥିବା ସୂଚନା ରହିଛି। ମହିଳା ଅଭିଯୁକ୍ତଙ୍କ ନାମ ଆୟଙ୍ଗବି ଓ ଆଉ ଜଣେ ପ୍ରଦୀପ ବୋଲି ଚିହ୍ନଟ କରାଯାଇଛି। ଗତ ମେ' ୧୩ ତାରିଖରେ ହୋଇଥିବା ହତ୍ୟାକାଣ୍ଡରେ ଏହି ଦୁହିଁଙ୍କ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି। ତେବେ ଏହି ହତ୍ୟାକାଣ୍ଡକୁ ନେଇ ସମ୍ପୂର୍ଣ୍ଣ ରାଜ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

## ଜାତୀୟ ସଙ୍ଗୀତ ପୂର୍ବରୁ 'ବନ୍ଦେ ମାତରମ୍' ଗାନ ବାଧ୍ୟତାମୂଳକ



ନୂଆଦିଲ୍ଲୀ,୧୦।୭: କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସଙ୍ଗୀତ (ଜନଗଣ ମନ) ଏବଂ ଜାତୀୟ ଗୀତ (ବନ୍ଦେ ମାତରମ୍) ଗାନ ତଥା ଏହାର ପରିବେଷଣକୁ ନେଇ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ନୂତନ ନିର୍ଦ୍ଦେଶନାମା ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଏହି ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଏକ ସ୍ପଷ୍ଟ ପ୍ରୋଟୋକଲ୍ ଧାର୍ଯ୍ୟ କରାଯାଇଛି। ଗୃହ ମନ୍ତ୍ରଣାଳୟ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ପ୍ରଶାସକ ଏବଂ କେନ୍ଦ୍ରୀୟ ସଚିବମାନଙ୍କୁ ଚିଠି ଲେଖି ଏହି ସୂଚନା ଦେଇଛି। ନୂଆ ନିୟମ ଅନୁଯାୟୀ, ଯେଉଁ ସରକାରୀ କାର୍ଯ୍ୟକ୍ରମରେ ଉଭୟ ଜାତୀୟ ସଙ୍ଗୀତ ଓ ଜାତୀୟ ଗୀତ ପରିବେଷଣ କରାଯିବ, ସେଠାରେ 'ବନ୍ଦେ ମାତରମ୍' ପ୍ରଥମେ ଗାନ କରାଯିବ ଏବଂ ଏହା ପରେ ଯାଇ ଜାତୀୟ ସଙ୍ଗୀତ ଗାନ କରାଯିବ।

## ପୁଣି ଦୁର୍ବଳ ହେବ ମୌସୁମୀ ! ପ୍ରବଳ ବର୍ଷା ପରେ ଏବେ 'ଏଲ୍ ନିନୋ' ଭୟ



ନୂଆଦିଲ୍ଲୀ, ୧୦/୭: ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଚମତ୍କାର ପ୍ରତ୍ୟାବର୍ତନ ପରେ ପୁଣି ଥରେ ବର୍ଷାର ପରିମାଣ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି। ବିଗତ ୯ ଦିନ ଧରି କ୍ରମାଗତ ଭାବେ ହେଉଥିବା ପ୍ରବଳ ବର୍ଷା ଯୋଗୁଁ ଦେଶରେ ସ୍ୱାଭାବିକ ବର୍ଷାର ନିଅଂଟିଆ ସ୍ଥିତି ସୁଧୁରି ପ୍ରାୟ -୧୪.୩ ପ୍ରତିଶତକୁ ଆସିଥିଲା । ମାତ୍ର ଏହି ସଫଳ ପ୍ରତ୍ୟାବର୍ତନ ଅଳ୍ପ ଦିନିଆ ପ୍ରମାଣିତ ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ପ୍ରଶାନ୍ତ ମହାସାଗରରେ ସକ୍ରିୟ ଥିବା 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ମୌସୁମୀ ପୁଣି ଥରେ ଦୁର୍ବଳ ହେବାକୁ ଯାଉଛି, ଯାହା ଚାଷ କାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। =ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଜୁଲାଇ ୧୦ରୁ ଜୁଲାଇ ୧୫ ମଧ୍ୟରେ ଦେଶର ଉତର, ପଶ୍ଚିମ ଏବଂ କେନ୍ଦ୍ରୀୟ ଭାଗ ସମେତ ପଶ୍ଚିମ ଉପକୂଳ ଅଞ୍ଚଳରେ ବର୍ଷାର ପରିମାଣ ଯଥେଷ୍ଟ କମିଯିବ। ବର୍ତ୍ତମାନ ସକ୍ରିୟ ଥିବା ଲଘୁଚାପ ବଳୟ ଦୁର୍ବଳ ହୋଇ ଦୂରେଇ ଯାଉଥିବାରୁ ଏଭଳି ସ୍ଥିତି ଉପୁଜିଛି। ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ ଦେଶର ମୁଖ୍ୟ ମୌସୁମୀ ମଣ୍ଡଳରେ ବାଦଲର ପରିମାଣ ହ୍ରାସ ପାଇବାରେ ଲାଗିଛି। ଜୁଲାଇ ମଧ୍ୟଭାଗ ସୁଦ୍ଧା ଦେଶର ସାମଗ୍ରିକ ବର୍ଷାର ପରିମାଣ ପୁଣି ଥରେ ସ୍ୱାଭାବିକ ଠାରୁ କମ୍ ବର୍ଗକୁ ଖସି ଆସିପାରେ, ଯାହା ନିକଟରେ ଧାନ ଏବଂ ଅନ୍ୟାନ୍ୟ ଖରିଫ୍ ଫସଲ ବୁଣିଥିବା ଚାଷୀଙ୍କ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି।

### ବାଂଲାଦେଶ ଫେରିବେ ଶେଖ୍ ହସିନା

## ମୁଁ ନିଜ ମାଟିରେ ହିଁ ମରିବାକୁ ଚାହେଁ

ଢାକା, ୧୦/୭: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶରୁ ନିର୍ବାସିତ ହେବାର ଦୀର୍ଘ ଦିନ ପରେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସେ ଏବଂ ତାଙ୍କ ଦଳ ଆୱାମୀ ଲିଗର ଅନ୍ୟାନ୍ୟ ନିର୍ବାସିତ ନେତାମାନେ ସ୍ୱେଚ୍ଛାକୃତ ଭାବେ ବାଂଲାଦେଶ ଫେରିବାକୁ ଯୋଜନା କରୁଥିବା ସେ କହିଛନ୍ତି। ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ ଗିରଫ କରାଯିବା କିମ୍ବା ହତ୍ୟା କରାଯିବାର ଆଶଙ୍କା ଥିଲେ ମଧ୍ୟ ସେ ନିଜ ଦେଶକୁ ଫେରି ଅଦାଲତରେ ଆତ୍ମସମର୍ପଣ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ପ୍ରତ୍ୟାବର୍ତନ ନେଇ ବର୍ତ୍ତମାନର ଢାକା ପ୍ରଶାସନ ବା କାମଚଳା ସରକାର ସହ ସେମାନଙ୍କର କୌଣସି ଯୋଗାଯୋଗ ହୋଇନଥିବା ସେ ସୂଚନା ଦେଇଛନ୍ତି। ଏକ



ଗଣମାଧ୍ୟମ ସାକ୍ଷାତକାର ରେ ଶେଖ୍ ହସିନା କହିଛନ୍ତି, ମୋର ଦେଶକୁ ଫେରିବା ପରେ ସେମାନେ ମତେ ଗିରଫ କରିପାରନ୍ତି କିମ୍ବା ମାରି ମଧ୍ୟ ଦେଇପାରନ୍ତି, ତଥାପି ମତେ ଯିବାକୁ ହିଁ ହେବ। ବର୍ତ୍ତମାନ ବାଂଲାଦେଶରେ ମୋ ଦଳର ନେତା ଓ କର୍ମୀମାନଙ୍କ ଉପରେ ପ୍ରବଳ ଜୁଲମ ଓ ଅତ୍ୟାଚାର କରାଯାଉଛି। ଯଦି ମୋର ମୃତ୍ୟୁ ଆସେ, ତେବେ ତାହା ମୋ ନିଜ ମାଟିରେ ହିଁ ଆସୁ, ଯେଉଁଠି ମୋ ବାପା-ମା' କବର ନେଇଛନ୍ତି ଏବଂ ଯେଉଁଠି ମୋ ପରିବାରର ରକ୍ତ ବୋହିଛି। ତେବେ ଏହି ସ୍ୱଦେଶ ପ୍ରତ୍ୟାବର୍ତନର ଖବର ଏଭଳି ଏକ ସମୟରେ ଆସିଛି ଯେତେବେଳେ ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇସିଟି) ସେଠାରେ ହୋଇଥିବା ହିଂସାକାଣ୍ଡ ଓ ମାନବାଧିକାର ଉଲ୍ଲଂଘନ ମାମଲାରେ ଶେଖ୍ ହସିନାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇ ସାରିଛି। ୨୦୨୪ ଆନ୍ଦୋଳନ ସମୟରେ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା ଗୁଳିକାଣ୍ଡ ଓ ହତ୍ୟାକାଣ୍ଡ ପାଇଁ ହସିନାଙ୍କ ପ୍ରଶାସନକୁ ସିଧାସଳଖ ଦାୟୀ କରାଯାଇଛି।

### ରାଜପାଲଙ୍କୁ ଜେଲ୍ ଦଣ୍ଡାଦେଶ

## ରାୟ କାଏମ୍ ରଖିଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୧୦/୭: ବହୁ ଚର୍ଚ୍ଚିତ ଚେକ୍ ବାଉନ୍ସ ମାମଲାରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କ ବିରୋଧରେ ତଳ କୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି ଓ ତାଙ୍କୁ ତିନି ମାସ ଜେଲଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଟ୍ରାଏଲ୍ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜପାଲ ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ହୋଇଥିବା ଆବେଦନକୁ ଆଜି ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ବିଚାରପତି ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି, ରାଜପାଲ ଯାଦବଙ୍କୁ ଅନେକ ସୁଯୋଗ ଦିଆଯାଇଥିଲା କିନ୍ତୁ ସେ ତାଙ୍କ ପ୍ରତିଶ୍ରୁତି ପୂରଣ କରିନଥିଲେ। ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଟ୍ରାଏଲ କୋର୍ଟଙ୍କ ଦଣ୍ଡାଦେଶକୁ କାୟମ ରଖି ଆସନ୍ତା ତିନିମାସ ରାଜପାଲଙ୍କୁ ଜେଲରେ କାଟିବାକୁ ପଡ଼ିବ ବୋଲି କହିଥିଲେ। ମୁରଲୀ ପ୍ରୋଜେକ୍ଟସ୍ ପ୍ରାଇଭେଟ ଲିମିଟେଡ ତରଫରୁ ରୁଜୁ ହୋଇଥିବା ମାମଲା ଶୁଣାଣିବେଳେ କୋର୍ଟ କହିଥିଲେ ଯେ, ରାଜପାଲ ଯାଦବଙ୍କୁ ଋଣ ଫେରସ୍ତ



କରିବାକୁ ଅନେକ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେ ଋଣ ଫେରସ୍ତ କରିବାରେ ବିଫଳ ହୋଇଥିଲେ। କୋର୍ଟ ଯାଦବଙ୍କୁ ସାତଟି ମାମଲାରେ ପ୍ରତ୍ୟେକ ମାମଲାରେ ତିନି ମାସର ସରଳ କାରାଦଣ୍ଡ ଶୁଣାଇଛନ୍ତି, ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ହାଇକୋର୍ଟ ଯାଦବଙ୍କୁ ପ୍ରତ୍ୟେକ ମାମଲାରେ ୧.୦୫ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ପତ୍ନୀ ରାଧା ରାଜପାଲ ଯାଦବଙ୍କୁ ମଧ୍ୟ ପ୍ରତ୍ୟେକ ମାମଲାରେ ୫ କୋଟି ଟଙ୍କାରୁ ଅଧିକ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଚାରପତି ରାଜପାଲଙ୍କୁ ଉଚ୍ଚ ଅଦାଲତରେ ଆଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ଦୁଇ ମାସ ସମୟ ମଧ୍ୟ ଦେଇଥିଲେ। ଯାଦବ ଓ ଅଭିଯୋଗକାରୀ କମ୍ପାନୀ ମଧ୍ୟରେ ସମାଧାନ ପାଇଁ ବାରମ୍ବାର ବିଫଳ ପ୍ରୟାସ ପରେ ଏପ୍ରିଲ ୨ ରେ ହାଇକୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ସୂଚନାଯୋଗ୍ୟ, ମେ ୨୦୨୪ରେ ସେସନ୍ସ କୋର୍ଟ ରାଜପାଲ ଯାଦବଙ୍କୁ ଚେକ୍ ବାଉନ୍ସ ମାମଲାରେ ଦୋଷୀ କରିଥିଲେ ଓ ତାଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ଦେଇଥିଲେ। ଚଳିତ ବର୍ଷ ଫେବ୍ରୁଆରିରେ ହାଇକୋର୍ଟ ରାଜପାଲଙ୍କୁ ଜେଲ ପ୍ରଶାସନ ସମ୍ମୁଖରେ ଆତ୍ମସମର୍ପଣ କରିବାକୁ କହିଥିଲେ। ରାଜପାଲ ୫ ଫେବ୍ରୁଆରିରେ ଆତ୍ମସମର୍ପଣ କରିଥିଲେ। ତେବେ ଅଭିଯୋଗକାରୀ ପକ୍ଷ ନିକଟରେ ୧.୫ କୋଟି ଟଙ୍କା ଜମା କରିବା ପରେ କୋର୍ଟ ରାଜପାଲଙ୍କ ଜେଲ୍ ଦଣ୍ଡାଦେଶ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଦେଇଥିଲେ।

CMYK



ନିଶାମୁକ୍ତ ଓଡ଼ିଶା ଅଭିଯାନ

# ସ୍ପେଶାଲ ଡ୍ରାଇଭ୍‌ରେ ୧୦୮.୯୦ ମେଟ୍ରିକ ଟନ ଗଞ୍ଜେଇ ନଷ୍ଟ କଲା ପୋଲିସ

■ ୫୪୪.୫ କୋଟି ଟଙ୍କାର ୧୦୮,୯୦୪.୯ କେଜି ଗଞ୍ଜେଇ ନଷ୍ଟ ■ ୨୪.୮ କୋଟି ଟଙ୍କାର ୧୨.୪ କେଜି ବ୍ରାଉନ ସୁଗାର ନଷ୍ଟ

ଭୁବନେଶ୍ୱର(ନିପ୍ର): ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତରେ ଓଡ଼ିଶା ପୋଲିସ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଗତ ୨.୦୬.୨୦୨୬ ରୁ ୧୦.୦୭.୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ପ୍ରି-ଟ୍ରାଏଲ୍ ନିଶାଦ୍ରବ୍ୟ ବିନଷ୍ଟୀକରଣ ସ୍ପେଶାଲ ଡ୍ରାଇଭ୍ ରେ ମୋଟ ୧୦୮,୯୦୪.୯ କେଜି (୧୦୮.୯୦ ମେଟ୍ରିକ ଟନ) ଜବତ ଗଞ୍ଜେଇ ନଷ୍ଟ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଆଇଡି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ଦ୍ୱାରା ଏହି ସ୍ୱତନ୍ତ୍ର ଅଭିଯାନ ସଫଳତାର ସଫଳତାର ସହ ପରିଚାଳିତ ହେଉଛି । ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ସମୟରେ ବିଭିନ୍ନ ପୋଲିସ ଜିଲ୍ଲା ଏବଂ ୟୁନିଟ୍ ଗୁଡ଼ିକ ଦ୍ୱାରା ୧୦.୦୭.୨୦୨୬ ସୁଦ୍ଧା ମୋଟ ୭୮,୬୦୦.୩୮୩ କେଜି ଜବତ ଗଞ୍ଜେଇ ନଷ୍ଟ ପାଇଁ ଚିହ୍ନଟ କରାଯାଇଥିଲା। ଓଡ଼ିଶା ପୋଲିସ ମୋଟ ୧୦୮,୯୦୪.୯ କେଜି ଗଞ୍ଜେଇ ନଷ୍ଟ କରିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୪୪.୫୨ କୋଟି ଟଙ୍କା ହେବ। ଏହି ଉଲ୍ଲେଖନୀୟ ସଫଳତା ଏନଡିପିଏସ ଆକ୍ଟ ଅନୁଯାୟୀ ବହୁ ଦିନରୁ ପଡ଼ିରହିଥିବା ମାମଲା ଗୁଡ଼ିକର ସମ୍ପତ୍ତି ବିନଷ୍ଟୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ପୋଲିସ ଜିଲ୍ଲା ଓ ୟୁନିଟ୍ ଗୁଡ଼ିକର ସକ୍ରିୟ ପ୍ରୟାସକୁ ଦର୍ଶାଉଛି। ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା ସମସ୍ତ ଜିଲ୍ଲା ମଧ୍ୟରେ ବୌଦ୍ଧ ପୋଲିସ ସର୍ବାଧିକ ୩୭,୪୮୪.୮୮୫ କେଜି ଗଞ୍ଜେଇ ନଷ୍ଟ କରି ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ କନ୍ଧମାଳ ପୋଲିସ (୩୪,୨୪୫.୪୩୦ କେଜି), ମାଲକାନଗିରି ପୋଲିସ (୮,୯୬୯.୯୪୦ କେଜି), ଗଜପତି ପୋଲିସ (୬,୬୭୧ କେଜି), କୋରାପୁଟ ପୋଲିସ (୬,୧୫୫.୭୭୩ କେଜି) ଏବଂ ରାୟଗଡ଼ ପୋଲିସ (୫,୭୯୬.୭୦ କେଜି) ଗଞ୍ଜେଇ ନଷ୍ଟ କରିଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନରେ ଅଂଶଗ୍ରହଣ କରିଥିବା ପୋଲିସ ଜିଲ୍ଲା ଏବଂ ୟୁନିଟ୍ ଗୁଡ଼ିକ ହେଲେ –ବୌଦ୍ଧ, କନ୍ଧମାଳ, ମାଲକାନଗିରି, ଗଜପତି, ରାୟଗଡ଼, କୋରାପୁଟ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ମୟୂରଭଞ୍ଜ, ନବରଙ୍ଗପୁର, ଦେବଗଡ଼, ସୁନ୍ଦରଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ସମ୍ବଲପୁର, ରାଉରକେଲା ପୋଲିସ ଜିଲ୍ଲା, କେନ୍ଦୁଝର, ଗଞ୍ଜାମ, ସ୍ପେଶାଲ ଟାସ୍କ ଫୋର୍ସ ଓଡ଼ିଶା, ଏସଆରପି ରାଉରକେଲା ଏବଂ ଏସଆରପି କଟକ। ସେମାନଙ୍କର ମିଳିତ ପ୍ରୟାସ ଯୋଗୁଁ ଓଡ଼ିଶା ପୋଲିସ ନିଜର ମୂଳ ଲକ୍ଷ୍ୟଠାରୁ ବହୁ ଅଧିକ ପରିମାଣର ନିଶାଦ୍ରବ୍ୟ ନଷ୍ଟ କରିବାରେ ସଫଳ ହୋଇଛି। ଏହି ଅଭିଯାନ ସମୟରେ ଓଡ଼ିଶା ପୋଲିସ ମୋଟ ୧୨ କେଜି ୩୯୮.୮୫ ଗ୍ରାମ ବ୍ରାଉନ ସୁଗାର ନଷ୍ଟ କରିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୪.୮୦ କୋଟି ଟଙ୍କା ଏବଂ ଏହା ସହିତ ୩,୬୩୧ ବୋତଲ କଫ ସିରପ ମଧ୍ୟ ନଷ୍ଟ କରାଯାଇଛି। ବାଲେଶ୍ୱର ପୋଲିସ ୧୧ କେଜି ୨୯୩ ଗ୍ରାମ, ସ୍ପେଶାଲ ଟାସ୍କ ଫୋର୍ସ ଓଡ଼ିଶା ୧ କେଜି ୯୦ ଗ୍ରାମ ଏବଂ କେନ୍ଦୁଝର ପୋଲିସ ୧୫.୮୫ ଗ୍ରାମ ନଷ୍ଟ କରିଛନ୍ତି। ବରଗଡ଼ ପୋଲିସ ୩,୬୩୧ ବୋତଲ କଫ ସିରପ ନଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ, 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ୧ ଜୁଲାଇ ୨୦୨୬ ତାରିଖରେ ରାଜ୍ୟବ୍ୟାପୀ ନିଶାବିରୋଧୀ ଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୫,୦୦୦ରୁ ଅଧିକ ନାଗରିକ ନିଶାମୁକ୍ତ ରହିବା ଓ ମାଦକଦ୍ରବ୍ୟର ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ସକ୍ରିୟ ସହଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ବ୍ୟାପକ ଜନସହଭାଗିତା ଏକ ନିଶାମୁକ୍ତ ଓଡ଼ିଶା ଗଠନ ପ୍ରତି ସାଧାରଣ ଲୋକଙ୍କ ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରୁଛି। ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ କାରବାର ଏବଂ ଚୋରା ଚାଲାଣ ବିରୋଧୀ ଲଢେଇକୁ ଆହୁରି ତୀବ୍ର କରିବା ପାଇଁ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବିଶେଷ ପ୍ରାଥମିକତା ଦେଇଛନ୍ତି। "ବେଆଇନ ନିଶାଦ୍ରବ୍ୟ କାରବାର, ଚୋରା ଚାଲାଣ ଏବଂ ନିଶା ମାଫିଆଙ୍କ ବିରୋଧରେ ଆମର ଏହି ଅଭିଯାନ ଆଗାମୀ ଦିନରେ ଆହୁରି ବ୍ୟାପକ ଓ କଠୋର ହେବ। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ସର୍ବଦା 'ଶୂନ୍ୟ ସହନଶୀଳତା' ନୀତି ବଜାୟ ରଖିବ। ସମନ୍ୱିତ ପ୍ରବର୍ତ୍ତନ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ଜନସାଧାରଣଙ୍କ ସକ୍ରିୟ ସହଯୋଗ ଏବଂ ଦୃଢ଼ ସଂକଳ୍ପ ବଳରେ ଏକ ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ଆମେ ସଂକଳ୍ପବଦ୍ଧ।" ଓଡ଼ିଶା ପୋଲିସ ମାଦକଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ସହିତ ଜନ ସାଧାରଣଙ୍କ ସହଯୋଗରେ 'ନିଶାମୁକ୍ତ ଓଡ଼ିଶା' ଗଠନ ଲକ୍ଷ୍ୟରେ ଓଡ଼ିଶା ପୋଲିସ ନିରନ୍ତର କାର୍ଯ୍ୟ କରିବ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି।

## ଘରେ ପଶି ଗାଳିଗୁଲଜ ଓ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ରାତି ଅଧରେ ଘରେ ପଶି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିଶ୍ୱନାଥ ମହାପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୮ ତାରିଖ ଦିନ ରାତ୍ରି ପ୍ରାୟ ୧୨.୦୦ ଟା ସମୟରେ ଅଭିଯୁକ୍ତ ବିଶ୍ୱନାଥ ମହାପାତ୍ର ଅଭିଯୋଗକାରିଣୀଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ସେ ବଳପୂର୍ବକ କବାଟ ଖୋଲି ଘର ଭିତରକୁ ପଶିଯାଇ ତାଙ୍କ ଝିଅକୁ ବିବାହ କରିଥିବା କହି ସାଙ୍ଗରେ ନେଇଯିବାକୁ ଆସିଥିବା ଜଣାଇଥିଲେ। ଅଭିଯୋଗକାରିଣୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିଜ ସ୍କୁଟିରୁ ଏକ କଟୁରୀ ଓ ଲୁହା ରଡ୍ ବାହାର କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଅଭିଯୁକ୍ତଙ୍କ ବାପା ଅନ୍ତର୍ଯ୍ୟାମୀ ମହାପାତ୍ର ଓ ଦାଦା ମନମୋହନ ମହାପାତ୍ର ଉର୍ଫ ମନୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରିଣୀଙ୍କୁ ମାଡ଼ ମାରିଥିଲେ। ପରେ ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅକୁ ସାଙ୍ଗରେ ନେଇ ପଳାଇଯିବା ସହ ହତ୍ୟା କରିଦେବାକୁ ଧମକ ଦେଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ବିଶ୍ୱନାଥ ମହାପାତ୍ର ଓ ମନମୋହନ ମହାପାତ୍ର ଓରଫ ମନୁଙ୍କୁ କାବୁ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୋଗକାରିଣୀଙ୍କ ନାବାଳିକା ଝିଅ ପୂର୍ବରୁ ଅଭିଯୁକ୍ତ ବିଶ୍ୱନାଥ ମହାପାତ୍ରଙ୍କ ସହ ପଳାଇ ଯାଇଥିବାରୁ ଧଉଳି ଥାନାରେ ତା. ୦୪.୦୧.୨୦୨୬ ରିଖରେ ଧଉଳି ଥାନା କେସ୍ ନଂ-୦୫/୨୦୨୬ ରୁଜୁ ହୋଇଥିଲା। ଉକ୍ତ ମାମଲାରେ ଅଭିଯୁକ୍ତ ଗିରଫ ହୋଇ ପରେ ଜାମିନରେ ମୁକ୍ତି ପାଇଥିଲେ। ଜାମିନରେ ଆସିବା ପରେ ସେ ପୁନର୍ବାର ନାବାଳିକାଙ୍କ ସହ ଯୋଗାଯୋଗ କରି ତାଙ୍କୁ ନେଇଯିବା ଉଦ୍ଦେଶ୍ୟରେ ପରିବାର ସଦସ୍ୟଙ୍କ ସହ ଅଭିଯୋଗକାରିଣୀଙ୍କ ଘରେ ବଳପୂର୍ବକ ପ୍ରବେଶ କରି ଆକ୍ରମଣ କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ମନମୋହନ ମହାପାତ୍ରଙ୍କର ଲିଙ୍ଗରାଜ ଥାନା ଓ ଧଉଳି ଥାନାରେ ୩ଟି ଅପରାଧିକ ମାମଲାରେ ସମ୍ପୃକ୍ତି ଜଣାପଡିଥିବା ବେଳେ ଅଭିଯୁକ୍ତ ବିଶ୍ୱନାଥ ମହାପାତ୍ର ଧଉଳି ଥାନାରେ ଗୋଟିଏ ମାମଲାରେ ଜଡିତ ଥିବା ଜଣାପଡିଛି। ଶୁକ୍ରବାର ଅଭିଯୁକ୍ତ ଦୁହିଁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## କାର୍ ଭଡା ଟଙ୍କା ମାଗିବାରୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): କାର ଭଡା ଟଙ୍କା ନେଣଦେଣକୁ ନେଇ ଡ୍ରାଇଭରକୁ ଗାଳିଗୁଲଜ ସହ ହତ୍ୟା ଧମକ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହିମାଂଶୁ ଛୋଟରାୟ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଗନ୍ନାଥ ଭଟ୍ଟ ଜଣେ କାର୍ ଚାଳକ। ତା. ୦୩.୦୭.୨୦୨୬ ଦିନ ଅଭିଯୁକ୍ତ ହିମାଂଶୁ ଛୋଟରାୟ କୋରାପୁଟ ବୁଲିଯିବା ପାଇଁ ତାଙ୍କ କାର୍ ବୁକ୍ କରିଥିଲେ। କୋରାପୁଟର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ପରେ ସେମାନେ ବ୍ରହ୍ମପୁର ଯାଇଥିଲେ ଏବଂ ଶେଷରେ ତା. ୦୯.୦୭.୨୦୨୬ ଦିନ ଭୁବନେଶ୍ୱର ଫେରିଥିଲେ। ସମ୍ପୂର୍ଣ୍ଣ ଯାତ୍ରା ପାଇଁ କାର୍ ଭଡ଼ା ବାବଦକୁ ମୋଟ ୩୬,୯୭୫ ଟଙ୍କା ହୋଇଥିବା ବେଳେ ଅଭିଯୁକ୍ତ କେବଳ ୧୨,୬୧୨ ଟଙ୍କା ଅଗ୍ରୀମ ପ୍ରଦାନ କରିଥିଲେ। ଅବଶିଷ୍ଟ ଭଡ଼ା ଟଙ୍କା ମାଗିବାରୁ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା କରିଦେବାକୁ ଧମକ ଦେଇଥିଲେ। ତଦନ୍ତ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତ ଏୟାରପୋର୍ଟ ଛକ ନିକଟରେ ଥିବା ଜଣାପଡ଼ିବାରୁ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ପଚରାଉଚରାରୁ ସେ ନିଜର ଅପରାଧ ସ୍ୱୀକାର କରିଥିଲେ। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କ ଅପରାଧ ସ୍ପଷ୍ଟ ହୋଇଥିବାରୁ ତାଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ନକଲି ପୋଲିସ ଅଫିସର ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର): ନିଜକୁ ପୋଲିସ ଅଫିସରର ପରିଚୟ ଦେଇ ଲୋକଙ୍କୁ ଧମକଚମକ ଦେଉଥିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରଜନୀକାନ୍ତ ମହାନ୍ତି। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସୁଜିତ କୁମାର ନାୟକ ନିଜର ନୂତନ ଟାଟା ସିଏରା ଗାଡ଼ିକୁ ଘର ଆଗରେ ପାର୍କିଂ କରିଥିବା ବେଳେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ରଜନୀକାନ୍ତ



ମହାନ୍ତି ଉଦ୍ଦେଶ୍ୟମୂଳକ ଭାବେ ଗାଡ଼ିଟିକୁ କ୍ଷତିଗ୍ରସ୍ତ କରିଥିଲେ। ପରବର୍ତ୍ତୀ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଏହି ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ନିଜକୁ ଜଣେ ଅତିରିକ୍ତ ପୁଲିସ ଅଧୀକ୍ଷକ ବୋଲି ମିଥ୍ୟା ପରିଚୟ ଦେବା ସହ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧକ୍କା ଦେଇଥିଲେ ଏବଂ ନକଲି ପୋଲିସ ଏନକାଉଣ୍ଟରରେ ହତ୍ୟା କରିଦେବାକୁ ଧମକ ଦେଇଥିଲେ। ପରେ ଯାଞ୍ଚରୁ ଜଣାପଡ଼ିଥିଲା ଯେ ସେ କୌଣସି ପୁଲିସ ଅଧିକାରୀ ନୁହଁନ୍ତି ଏବଂ ମିଥ୍ୟା ପରିଚୟ ଦେଇ ସାଧାରଣ ଲୋକଙ୍କୁ ଧୋକା ଦେଉଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ଦ୍ୱାରା ଗାଡ଼ି ଭଙ୍ଗାରୁଜା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ କରାଯାଇଥିବା ଯାଞ୍ଚରେ ଅଭିଯୁକ୍ତ କେବେ ମଧ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ନଥିବା ନିଶ୍ଚିତ ହୋଇଥିଲା। ପରବର୍ତ୍ତୀ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ତାଙ୍କ ନିକଟରୁ ଏକ ଆଧାର କାର୍ଡ ଏବଂ ଏକ ପୋଲିସ ପରିଚୟପତ୍ର ଜବତ କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ସ୍ଥାୟୀ ଠିକଣା ସମ୍ପର୍କରେ କୌଣସି ସନ୍ତୋଷଜନକ ପ୍ରମାଣ ଦେଇପାରିନଥିଲେ। ତାଙ୍କ ଆଧାର କାର୍ଡରେ ଉଲ୍ଲେଖିତ ଠିକଣା ଏବଂ ବର୍ତ୍ତମାନର ଠିକଣା ଉଭୟ ଭଡ଼ା ଘର ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତ ରଜନୀକାନ୍ତ ମହାନ୍ତିଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଜମି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଜମି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରଶ୍ମି ରଞ୍ଜନ ଜେନା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା (୪୨)ଙ୍କୁ ଅଭିଯୁକ୍ତ ରଶ୍ମି ରଞ୍ଜନ ଜେନା, ମ୍ୟାଗ୍ନା ହୋମ୍ ସଲ୍ୟୁସନ୍‌ର ମାଲିକ ବୋଲି ପରିଚୟ ଦେଇ କଟକ ଜିଲ୍ଲାର ଟାଙ୍ଗୀ ତହସିଲ ଅନ୍ତର୍ଗତ ଦାମକା ମୌଜାରେ ଥିବା ଏକ ଆବାସିକ ପ୍ଲଟ ବିକ୍ରି କରିବାର ପ୍ରଲୋଭନ ଦେଇଥିଲେ। ଏହି ପ୍ରତିଶ୍ରୁତି ଆଧାରରେ ଅଭିଯୋଗକାରୀ ଚେକ୍ ଓ ଅନଲାଇନ ବ୍ୟାଙ୍କ କାରବାର ମାଧ୍ୟମରେ ମୋଟ ୪,୫୦,୦୦୦ ଟଙ୍କା ଅଗ୍ରୀମ ପ୍ରଦାନ କରିଥିଲେ। କିନ୍ତୁ ଅଭିଯୁକ୍ତ ପ୍ଲଟର ବିକ୍ରୟ ଦଲିଲ ସମ୍ପାଦନ କରିନଥିଲେ କିମ୍ବା ପ୍ଲଟର ଦଖଲ ଦେଇନଥିଲେ। ପରବର୍ତ୍ତୀ ସମୟରେ ସେ କେବଳ ୨,୦୦,୦୦୦ ଟଙ୍କା ଫେରସ୍ତ କରିଥିବା ବେଳେ ବାକି ୨,୫୦,୦୦୦ ଟଙ୍କା ଫେରାଇବାରେ ବିଫଳ ହୋଇ ଅଭିଯୋଗକାରୀଙ୍କ ସହ ଛଳନା କରିଥିଲେ। ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ଠାରୁ ମ୍ୟାଗ୍ନା ହୋମ୍ ସଲ୍ୟୁସନ୍‌ର ଇନଭଏସ୍, ହ୍ୱାଟ୍ସଆପ୍ ବାର୍ତ୍ତାଳାପ, ଆରଓଆର୍ ଏବଂ ଜମି ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇଥିଲା। ବ୍ୟାଙ୍କ ବିବରଣୀ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ଅଭିଯୋଗକାରୀଙ୍କଠାରୁ ଅଭିଯୁକ୍ତ ୩,୦୦,୦୦୦ ଟଙ୍କା ଚେକ୍ ମାଧ୍ୟମରେ ଏବଂ ୧,୫୦,୦୦୦ ଟଙ୍କା ଅନଲାଇନ୍ ବ୍ୟାଙ୍କ କାରବାର ମାଧ୍ୟମରେ ଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତ ରଶ୍ମି ରଞ୍ଜନ ଜେନାଙ୍କୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସେ ନୋଟିସ୍ ପାଳନ କରି ତଦନ୍ତରେ ସହଯୋଗ କରିନଥିବାରୁ ଆଜି ତାଙ୍କୁ ଗିରଫ କରାଯାଇ ପରେ କୋର୍ଟ ଚାଲାଣ କରାଯାଇଛି।

## ଅମାନିଆ ହୋଇ ଗାଡ଼ି ଚଲାଇଲେ ଫାଇନ୍ ନୁହେଁ ସିଧା ଗାଡ଼ି ଜବତ

### ଗୋଟିଏ ସପ୍ତାହରେ ଜବତ ହେଲାଣି ୬୦ରୁ ଅଧିକ ଗାଡ଼ି

କଟକ(ନିପ୍ର): ଟ୍ରାଫିକ୍ ନିୟମ ଉଲ୍ଲଘଂନକାରୀଙ୍କ ପ୍ରତି କଡ଼ା ଆଭିମୁଖ୍ୟ। ଏଣିକି ଆଉ ଫାଇନ୍ ନୁହେଁ, ସିଧା ଜବତ ହେଉଛି ଗାଡ଼ି। କଟକରେ ଟ୍ରାଫିକ୍ ପୁଲିସ ପକ୍ଷରୁ ଜୋରଦାର ଚଢ଼ାଉ ଚାଲିଛି। କାହାର ଫିଟ୍‌ନେସ ନାହିଁ ତ କିଏ ବିନା ଡ୍ରାଇଭିଂ ଲାଇସେନସରେ ଚଳାଉଥିଲା ଗାଡ଼ି। ଆଉ ଆଜି ପଡ଼ିଛନ୍ତି ଟ୍ରାଫିକ୍ ପୁଲିସ ହାବୁଡରେ। କଟକ ସହରରେ ବିଭିନ୍ନ ସ୍ଥାନରେ ଚାଲିଛି ଜୋରଦାର ଚଢ଼ାଉ। ଛକ ଛକରେ ଛକିଛନ୍ତି ଟ୍ରାଫିକ୍ ପୁଲିସ। ଅଚାନକ ଯାଞ୍ଚ ବେଳେ ଅନେକ ଅମାନିଆ ଚାଳକ ଧରାପଡ଼ିଛନ୍ତି। ଏଣିକି ଆଉ ଫାଇନ୍ ନୁହେଁ, ସିଧା ଗାଡ଼ି ଜବତ କରାଯାଉଛି। ସପ୍ତାହେ ଭିତରେ କଟକ ସହରରେ ୬୦ରୁ ଅଧିକ ଗାଡ଼ି ଜବତ ହେଲାଣି। ଆଗକୁ ଏସବୁ ଗାଡ଼ିର ପଞ୍ଜୀକରଣ ରଦ୍ଦ ହେବ ବୋଲି ଆରଟିଓ କହିଛନ୍ତି। କଡ଼ା ନିୟମ ସତ୍ତ୍ୱେ ବି ଅମାନିଆ ଗାଡ଼ି ଚାଳକଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଟ୍ରାଫିକ୍ ପୁଲିସ ପକ୍ଷରୁ ଏ କଡ଼ା ପଦକ୍ଷେପ ନିଆଯାଇଛି। ଖାଲି ଗାଡ଼ି ଫିଟ୍‌ନେସ ନୁହେଁ, ପରମିଟ୍ ଏବଂ ଇନସ୍ୟୁରାନ୍ସ ନଥିଲେ ବି କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି। ଇ-ଡିଟେକ୍ସନ ମାଧ୍ୟମରେ ବିଭିନ୍ନ ଟୋଲଗେଟ୍‌ରେ ୪୩ ହଜାରରୁ ଅଧିକ ନିୟମ ଉଲଘଂନକାରୀ ଗାଡ଼ି ଚିହ୍ନଟ ହୋଇଛି। ଆଶ୍ଚର୍ଯ୍ୟକର କଥା କେହି କେହି ଗାଡ଼ି ଚାଳକ ୨୦ରୁ ୫୦ ଥର ନିୟମ ଉଲ୍ଲଘଂନ କରି ମଧ୍ୟ ଖୋଲାରେ ବୁଲୁଛନ୍ତି। ଏବେ ସେମାନଙ୍କ ବିରୋଧରେ କି ଆକ୍ସନ ହେଉଛି ତାହା ଦେଖିବାର କଥା।

## ଷ୍ଟେସନ ନିକଟରେ ଟ୍ରେନ୍ ଦୁର୍ଘଟଣା: ଅଜଣା ଯୁବକଙ୍କ ମୃତ୍ୟୁ

### ଶବ ଜବତ କଲା ନିରାକାରପୁର ରେଳବାଇ ପୋଲିସ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା କୁହୁଡ଼ି ରେଳ ଷ୍ଟେସନ ନିକଟରେ ଏକ ଦୁଃଖଦ ଟ୍ରେନ୍ ଦୁର୍ଘଟଣା ଘଟିଯାଇଛି। କୌଣସି ଏକ ଅଜଣା ଟ୍ରେନ୍‌ରେ ଧକ୍କା ବା କାଟିହୋଇ ଜଣେ ଅଜଣା ବ୍ୟକ୍ତିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକଙ୍କ ବୟସ ଆନୁମାନିକ ୩୫ରୁ ୩୭ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର କୁହୁଡ଼ି ରେଳ ଷ୍ଟେସନ ପାର୍ଶ୍ୱରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ କୁହୁଡ଼ି ଷ୍ଟେସନ ମାଷ୍ଟର ତୁରନ୍ତ ରେଳବାଇ ପୋଲିସକୁ ଅବଗତ କରାଇଥିଲେ। ସୂଚନା ପାଇବା ମାତ୍ରେ ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ନିରାକାରପୁର ରେଳବାଇ ପୋଲିସ ଫାଣ୍ଡିର ଅଧିକାରୀ ଦିଲ୍ଲୀପ କୁମାର ସାହୁ ଓ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଏହି ଅଭାବନୀୟ ଘଟଣାକୁ ନେଇ ଖୋର୍ଦ୍ଧା ରୋଡ୍ ପକ୍ଷରୁ ଏକ ଅପମୃତ୍ୟୁ ମାମଲା କେସ ନଂ ୩୯/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମୃତ ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ଏବଂ କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ସେ ନେଇ ପୋଲିସ ପକ୍ଷରୁ ସବିଶେଷ ତଦନ୍ତ ଚାଲିଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନ ଥିବାରୁ ରେଳବାଇ ପୋଲିସ ପକ୍ଷରୁ ବିଭିନ୍ନ ଥାନା ଓ ସୋସିଆଲ ମିଡିଆ ଜରିଆରେ ତାଙ୍କ ପରିଚୟ ଚିହ୍ନଟ ପାଇଁ ପ୍ରୟାସ ଜାରି ରହିଛି।

## ବାର୍‌ହା ଆକ୍ରମଣ : ଜଣେ ମୃତ, ଜଣେ ଆହତ



କୃଷ୍ଣପ୍ରସାଦ(ନିପ୍ର): ବାରହା ଆକ୍ରମଣରେ ଜଣେ ମୃତ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଯେ ସକାଳ ୯ଟା ସମୟରେ ସାତପଡ଼ା ବଳଭଦ୍ରପୁର ଦୁଇଜଣ ମହିଳା ନିକଟ ପୋଖରୀକୁ ଗାଧେଇ ଯାଇଥିଲେ। ନିକଟ ପୋଲାଙ୍ଗ ଗଛ ମୂଳରେ ଥିବା ଏକ ବାରହା ଆସି ହଠାତ ଆକ୍ରମଣ କରିଥିଲା। ଆକ୍ରମଣରେ ମହିଳା ପଦ୍ମାବତୀ ଜାଲି ଏବଂ ବ୍ରାହ୍ମଣୀ ଦଳେଇ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ଖବରପାଇ ପରିବାର ଲୋକ ଏବଂ ଜନସାଧାରଣ ଆହତଙ୍କୁ ପୁରୀ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପଦ୍ମାବତୀ ଜାଲିଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଗୁରୁତର ଆହତ ବ୍ରାହ୍ମଣୀ ଦଳେଇଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଏନେଇ ମୃତ ଜାଲିଙ୍କ ସାନପୁଅ ସଞ୍ଜୟ କୁମାର ଜାଲି ସାତପଡ଼ା ଫାଣ୍ଡିରେ ଏକ ଏତଲା ଦେଇଥିବା ଜଣାପଡ଼ିଛି। ବନ ବିଭାଗ କାର୍ଯ୍ୟାଳୟ ନିକଟରେ ଘଟଣା ଘଟିଥିଲେ ମଧ୍ୟ ବିଭାଗ ନିକଟରେ ଏନେଇ କୌଣସି ଖବର ନ ଥିବା ଜଣାପଡ଼ିଛି। ଏନେଇ ସାତପଡ଼ା ରେଞ୍ଜର ରଞ୍ଜନ ବେହେରାଙ୍କୁ ପଚାରିବାରେ ଏଭଳି ଘଟଣା ଘଟିଥିବା ଶୁଣୁଛି ବୋଲି ଉତ୍ତର ଦେଇଥିଲେ। ସହାୟତା ସମ୍ପର୍କ ରେ ପଚାରିବାରେ ମୃତକଙ୍କ ପରିବାରକୁ ଏବଂ ଆହତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

ନାବାଳିକା ଅପହରଣ ମାମଲା

## ଅଭିଯୋଗର ୮ଘଣ୍ଟା ମଧ୍ୟରେ ଉଦ୍ଧାର, ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ପିପିଲି ଏସଡିପିଓଙ୍କ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୪ବର୍ଷୀୟା ନାବାଳିକା ଅପହରଣ ଅଭିଯୋଗର ମାତ୍ର ୮ଘଣ୍ଟା ମଧ୍ୟରେ ପୋଲିସ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ମଣିପୁର ଗ୍ରାମର ସଂଗ୍ରାମ ଦଳାଇ (୨୦) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଥାନା ଅଭିଯୁକ୍ତ ସଂଗ୍ରାମ ନିଜ ପରିବାର ସହ ସତ୍ୟବାଦୀ ଥାନା କାଦୁଆ ଅଞ୍ଚଳରେ ରହୁଛନ୍ତି। ଗତ ୭ତାରିଖ ସକାଳ ସମୟରେ ବଳଙ୍ଗା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୪ବର୍ଷିୟା ନାବାଳିକା ଘରୁ ସାଇକେଲ ନେଇ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲା। ଫଳରେ ନାବାଳିକା ମା ସେ ନେଇଥିବା ମୋବାଇଲକୁ ଯୋଗାଯୋଗ କରିବାରେ ତାହା ସୁଇଚ ଅଫ




ଥିଲା। ପରିବାର ଲୋକେ ବହୁତ ଖୋଜ ଖବର ନେବାରେ ନାବାଳିକାକୁ ଅଭିଯୁକ୍ତ ସଂଗ୍ରାମ ମିଥ୍ୟା ପ୍ରଲୋଭନ ଦେଖାଇ ଅପହରଣ କରିଥିବା ଜାଣିବାକୁ ପାଇଥିଲେ। ପରେ ପରିବାର ଲୋକେ କାଦୁଆ ସ୍ଥିତ ସଂଗ୍ରାମଙ୍କ ପରିବାର ରହୁଥିବା ଘରେ ପହଞ୍ଚି ନାବାଳିକାକୁ ଛାଡ଼ିବାକୁ କହିଥିଲେ। ସଂଗ୍ରାମଙ୍କ ପରିବାର ନାବାଳିକାକୁ ଛାଡ଼ିବେନି ବୋଲି କହିବା ସହ ଓଲଟି ଧମକ ଚମକ ଦେଇଥିଲେ ବୋଲି ନାବାଳିକା ମା ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଗତକାଲି ରାତିରେ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ କାଦୁଆ ଠାରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରି ନାବାଳିକାକୁ ଉଦ୍ଧାର କରିଥିଲେ। ନାବାଳିକାକୁ ପୋଲିସ ପୁରୀ ସିଡବ୍ଲୁସିରେ ଛାଡ଼ିଥିଲା ବେଳେ ଅଭିଯୁକ୍ତ ସଂଗ୍ରାମକୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାର ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ନିମାପଡା ଉପ କାରାଗାରାକୁ ପଠାଇ ଦିଆଯାଇଛି।

## ଧାମନଗରରେ ବାସନ୍ତୀଦୁର୍ଗାଙ୍କ ଜମିରେ ବେଆଇନ ଘର ନିର୍ମାଣ ଉପରେ ରୋକ

ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ମା ବାସନ୍ତୀଦୁର୍ଗାଙ୍କ ଜମିକୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ନେଇ ଉପ-ଜିଲ୍ଲାପାଳଙ୍କ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି। ଶ୍ୟାମପୁର ମୌଜାର ମା ବାସନ୍ତୀ ଦୁର୍ଗାଙ୍କ ଜମିରେ ଚାଲିଥିବା ଅବୈଧ ନିର୍ମାଣ କାର୍ଯ୍ୟକୁ



ବନ୍ଦ କରିବା ସହ ଉକ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି ଧାମନଗର ସ୍ଥିତ ଶ୍ୟାମପୁର ମୌଜାର ଖାତା ନଂ ୯୮୪, ପ୍ଲଟ ନଂ ୨୬୮୨ (୦.୧୦ ଏକର) ବାସନ୍ତୀ ଠାକୁରାଣୀ ବିଜେ ନିଜଗାଁ ନାମରେ ରହିଛି। ଏହି ଜମିରେ ଅପର ପକ୍ଷ ଦ୍ୱାରା ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏହି ମାମଲା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତହସିଲଦାର ଏବଂ ଧାମନଗର ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଭଦ୍ରକ ଉପ-ଜିଲ୍ଲାପାଳ ବିଏନଏସ -୨୦୨୩ର ଧାରା ୧୬୪ ଅନୁଯାୟୀ ଏହି ମାମଲାର ଶୁଣାଣି କରିଛନ୍ତି। ବିବାଦୀୟ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଧାମନଗର ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବିବାଦୀୟ ଜମିର ସ୍ଥିତିରେ କୌଣସି ପରିବର୍ତ୍ତନ କିମ୍ବା କ୍ଷତି କରିବାକୁ ବିରୋଧୀ ପକ୍ଷକୁ ବାରଣ କରାଯାଇଛି। ଉକ୍ତ ଅଞ୍ଚଳରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ପୋଲିସକୁ କଡ଼ା ଦୃଷ୍ଟି ଦେବାକୁ କୁହାଯାଇଛି। ଆସନ୍ତା ଅଗଷ୍ଟ ୧୦, ୨୦୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଥାଉକି ଧାମନଗର ବଜାର ସନ୍ନିକଟରେ ମା ବାସନ୍ତୀ ଦୁର୍ଗାଙ୍କ ମନ୍ଦିର ରହିଛି ଏଠାରେ ବାର୍ଷିକ ପୂଜା ବେଶ୍ ଜାକଜକମରେ ହୁଏ ତେବେ କିଛି ବର୍ଷ ହେବ କମିଟି ଭିତରେ କିଛି ବାଦବିବାଦ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି।

## ମୁଣ୍ଡବିହୀନ ମୃତଦେହର ପରିଚୟ ଖୋଜୁଛି ପୋଲିସ

### ୫ ମାସରେ କାଠଯୋଡ଼ିରୁ ମିଳିଲାଣି ୫ ମୃତଦେହ

କଟକ(ନିପ୍ର): ମୃତ ମହିଳାଙ୍କ ପରିଚୟ ଖୋଜୁଛି ପୋଲିସ । ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ତ ମିଳିଲା ହେଲେ ଏବେଯାଏଁ ମିଳିନି ପରିଚୟ । ମହିଳା ଜଣଙ୍କ କିଏ, କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି, କିଏ ତାଙ୍କ ମୃତଦେହ ଏଠାରେ ପକାଇଛି ଇତ୍ୟାଦିକୁ ନେଇ ଖୋଲତାଡ଼ ଜାରି ରଖିଛି କମିଶନରେଟ୍ ପୋଲିସ । ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବା ସହ ପରିଚୟ ମିଳିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ, ଗୁରୁବାର ସନ୍ଧ୍ୟାରେ କାଠଯୋଡିରୁ ମିଳିଥିଲା ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ । ମୃତ ମହିଳାଙ୍କ ପରିଚୟ ଜାଣିବା ପାଇଁ ଖୋଲତାଡ କରୁଛି କମିଶନରେଟ୍ ପୋଲିସ । ଏଯାଏ ପୋଲିସ ସମ୍ପୃକ୍ତ ମହିଳାଙ୍କର ପରିଚୟ ପାଇପାରି ନାହିଁ କି ମୃତ୍ୟୁର କାରଣ ଜଣାପଡ଼ିନାହିଁ । ପୋଲିସ ଏ ନେଇ ଖୋଲତାଡ଼ ଜାରି ରଖିଛି । ସେପଟେ କାଠଯୋଡିରୁ ନିୟମିତ ବ୍ୟବଧାନରେ ମୃତଦେହ ମିଳିବା ଘଟଣା ଏବେ ପୋଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଗତ ୫ ମାସ ଭିତରେ କାଠଯୋଡିରୁ ୫ଟି ମୃତଦେହ ମିଳିସାରିଲାଣି । ସେଥିମଧ୍ୟରୁ ୩ଟି ମୃତଦେହ ମହିଳାଙ୍କର ହୋଇଥିବା ବେଳେ ଦୁଇଟି ମୃତଦେହ ପୁରୁଷଙ୍କର । ତେବେ ପୋଲିସ କୌଣସି ଗୋଟିଏ ବି ମୃତଦେହର ଚିହ୍ନଟ କରିପାରି ନାହିଁ । ପାଞ୍ଚଟି ଯାକ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା ଓ ସମସ୍ତଙ୍କୁ ହତ୍ୟା କରାଯାଇଥିବାର ସ୍ପଷ୍ଟ ପାରିପାର୍ଶ୍ୱିକ ପ୍ରମାଣ ମିଳିଥିଲା ।

CMYK

# ଏମ୍ସର ୧୦୦ ସଫଳ ରୋବୋଟିକ୍ ଅସ୍ତ୍ରୋପଚାର ସମ୍ପନ୍ନ

ଭୁବନେଶ୍ୱର, ୧୦/୭(ନିପ୍ର): ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ମେଡିକାଲ୍ ସ୍ୱାସ୍ଥ୍ୟସେବାର ଅନନ୍ୟ ସମନ୍ୱୟ ପୂର୍ବକ ଓଡ଼ିଶା ଏବଂ ପୂର୍ବ ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ଏମ୍ସ ଭୁବନେଶ୍ୱର ୧୦୦ଟି ଉନ୍ନତ ରୋବୋଟିକ୍-ସହାୟତା ଅସ୍ତ୍ରୋପଚାର ସଫଳତାର ସହିତ ସମାପ୍ତ କରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି ।ଏହି ବିଶେଷ ସଫଳତା ଏମ୍ସ ଭୁବନେଶ୍ୱରକୁ ଓଡ଼ିଶାର ପ୍ରଥମ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଭାବରେ ମାନ୍ୟତା ପ୍ରଦାନ କରିଛି। ସମାଜର ସାଧାରଣ ନାଗରିକଙ୍କୁ ଏହି ସେବା ଉଚ୍ଚସ୍ତରୀୟ ଶଲ୍ୟଚିକିତ୍ସା ସେବା ପ୍ରଦାନ କରୁଛି। ଏମ୍ସ ଭୁବନେଶ୍ୱରରେ ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମ



ଜେନେରାଲ ସର୍ଜରୀ, ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ୟୁରୋଲୋଜି, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଏବଂ ରୋବୋଟିକ୍ ବାରିଆଟ୍ରିକ୍ ସର୍ଜରୀ ଏବଂ ଜଟିଳ ଶିଶୁ ଶଲ୍ୟଚିକିତ୍ସା କ୍ଷେତ୍ରରେ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ମାମଲାଗୁଡ଼ିକୁ ସଫଳତାର ସହିତ ସମ୍ପନ୍ନ କରୁଛି। ହାତ ପାହାନ୍ତାରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହାୟତାରେ ଚିକିତ୍ସାସେବା ଯୋଗାଇଦେବାର ପ୍ରମାଣ ହେଉଛି ଏମ୍ସ ଭୁବନେଶ୍ୱରରେ ୧୦୦ଟି ରୋବୋଟିକ୍ ଅସ୍ତ୍ରୋପଚାର। ଏମ୍ସ ଭୁବନେଶ୍ୱରର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ପ୍ରତିବଦ୍ଧତାର ଏହା ଏକ ବିଶେଷ ପ୍ରମାଣ ବୋଲି ମତବ୍ୟକ୍ତ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ। ଏହି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱରରେ ଏହି ସେବା ଆରମ୍ଭ ହେବା ପୂର୍ବରୁ, ଉନ୍ନତ ରୋବୋଟିକ୍ ପ୍ରକ୍ରିୟା ଆବଶ୍ୟକ କରୁଥିବା ରୋଗୀମାନଙ୍କ ପାଇଁ ଓଡ଼ିଶାରେ ସରକାରୀ କ୍ଷେତ୍ରରେ କୌଣସି ବିକଳ୍ପ ନଥିଲା। ଏହି ସେବା ପାଇବା ପାଇଁ ସେମାନେ ଗୁରୁତର ଆର୍ଥିକ ସଙ୍କଟ ସହିତ ଚେନ୍ନାଇ, ହାଇଦ୍ରାବାଦ କିମ୍ବା ନୂଆଦିଲ୍ଲୀ ଭଳି ସହର ଉପରେ ନିର୍ଭରଶୀଳ ଥିଲେ।

# ଜୟପୁରରେ ଶହେ କୋଟି ଟଙ୍କା ବିନିମୟରେ ସିଏନଜି ଗ୍ୟାସ ପ୍ଲାଣ୍ଟ ସ୍ଥାପନ ହେବ

**ଜୟପୁର, ୧୦/୭(ନିପ୍ର):** କୋରାପୁଟ ଜିଲା ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନ ସହ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ବୈଠକ ଅନୁଷ୍ଠିତ ହୋଇଛି । ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଛି । ବୈଠକରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜୟପୁର ଉପ ଜିଲାପାଳ ଯଦୁମଣି ନାୟକ, ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟ ରଞ୍ଜନ ବେହେରା, ପୌର କାର୍ଯ୍ୟନିର୍ବାହି ଅଧିକାରି ପୂଜା ରାଉତ, ତହସିଲଦାର ସବ୍ୟସାଚି ଜେନା, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ସହ ପିଏଚଡି, ଏମଆଇଣ୍ଟର ଅଧିକାରି ମାନେ ଉପସ୍ଥିତ ଥିଲେ । ଜଗନ୍ନାଥ ପୁନଃ କାର୍ଯ୍ୟ ରାସ୍ତା, ଜବରଦଖଲ, ସିସି କ୍ୟାମେରା ଏସ ପ୍ରିୟବ୍ରତ ବେହେରା ଏସଡିପିଓ ଜଗନ୍ନାଥ ସାଗର ନିକଟରେ ରାସ୍ତା କିପରି ଦବିବା ଘଟଣା କ'ଣ ତ୍ରୁଟି ରହିଥିଲା ସେ ଉପରେ ଆଲୋଚନ କରାଯାଇଥିଲା ।ଜୟପୁରରେ ବର୍ଯ୍ୟବସ୍ତୁର ଗ୍ୟାସ ପ୍ଲାଣ୍ଟ ସ୍ଥାପନ



ହେବ । ତୁରନ୍ତ ୧୦ ଏକର ଜମି ଦେବାକୁ ପ୍ରଶାସନ ସ୍ତରରେ ଆଲୋଚନା ହୋଇଛି । ଶହେ କୋଟି ଟଙ୍କା ବିନିମୟରେ ସିଏନଜି ପ୍ଲାଣ୍ଟ ସ୍ଥାପନ ହେବ । ଜୟପୁର ପୌରାଞ୍ଚଳରେ ବାହାରୁ ଥିବା ବର୍ଯ୍ୟବସ୍ତୁରୁ ଗ୍ୟାସ ପ୍ଲାଣ୍ଟ ହେବ । ଯାହାକି ଜୟପୁର ପାଇଁ ଏକ ଖୁସି ଖବର ବୋଲି ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି । ଜଗନ୍ନାଥ ସାଗରର ଡିପିଆର ଉପରେ ଆଲୋଚନା ହୋଇଥିଲା ।

## ଜୁଲାଇ ୧୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୧୦/୭(ନିପ୍ର): ଆସନ୍ତା ସୋମବାର ଜୁଲାଇ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ତା.୧୩.୦୭.୨୦୨୬ ରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ତିନିରଥରେ ହଂସପଟା ବାଡ଼ିଆ କାର୍ଯ୍ୟ ଶେଷ

ପୁରୀ, ୧୦/୭(ନିପ୍ର): ତିନିରଥର ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ମହାରଣା ସେବକମାନେ ତିନିରଥ ଉପର ପରିକ୍ରମା ମାର୍ଗ ଚତୁର୍ପାର୍ଶ୍ୱରେ ହଂସ ପଟା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ଚିତ୍ର କାର୍ଯ୍ୟ ଚିତ୍ରକାର ସେବକ ମାନେ ତିନିରଥ ପ୍ରଭା ଗୁଡ଼ିକର ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ଚିତ୍ରକାର ସେବକ ମାନେ ତିନିରଥର ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶ ଗୁଡିକରେ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି। ଦରଜୀ ସେବକଙ୍କ ରଥ କନା କାର୍ଯ୍ୟ। ଦରଜୀ ସେବକ ମାନେ ତିନି ରଥର ବତା କନା ରେ ବିଲାସ ପଟି ସିଲେଇ କାର୍ଯ୍ୟ ଶେଷ କରି ତିନିରଥର ଦୁଆର ବେଢା ଏବଂ ଚନ୍ଦ୍ର ଶାଳୀରେ ଫୁଲ ପକା କାର୍ଯ୍ୟ ଜାରୀ ରଖିଛନ୍ତି। ଏଥିସହ ଶ୍ରୀବିଗ୍ରହ ମାନଙ୍କ ପହଣ୍ଡି ପାଇଁ ଲାଗି ଲୁଗା ଶେଷ କରିବା ସହ ପହଣ୍ଡି ସମୟରେ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଶ୍ରୀପର ତୂଳୀ ଏବଂ ବିଜେ ତୂଳୀ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଭୁବନେଶ୍ୱରରେ ପ୍ରବଳ ବର୍ଷିଲା

- ୧୪ ସୁଦ୍ଧା ଲଘୁଚାପ କ୍ଷେତ୍ର !
- ୧୬ ଯାଏଁ ବର୍ଷା ସତର୍କତା

ଭୁବନେଶ୍ୱର,୧୦।୭: ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ସ୍ଥାନୀୟ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧୧ କିମ୍ବା ୧୨ ଜୁଲାଇରେ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ୧୪ ଜୁଲାଇ ସୁଦ୍ଧା ସେହି ଅଞ୍ଚଳରେ ଲଘୁଚାପ କ୍ଷେତ୍ର ଗଠନ ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁମାନ ଅନୁସାରେ, ଲଘୁଚାପଟି ଉତ୍ତର-ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼ ଆଡ଼କୁ ଅଗ୍ରସର ହେବ। ଏହାର ପ୍ରଭାବରେ ଓଡ଼ିଶାର ଉତ୍ତର ଓ ପଶ୍ଚିମ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି।ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ୧୬ ଜୁଲାଇ ପର୍ଯ୍ୟନ୍ତ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ନିମ୍ନାଞ୍ଚଳରେ ଜଳବନ୍ଦୀ ସ୍ଥିତି ଏବଂ କେତେକ ସ୍ଥାନରେ ସ୍ଥାନୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପ୍ରସ୍ତୁତି ରଖିବାକୁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସମୁଦ୍ରର ପାଣିପାଗ ସମ୍ପର୍କିତ ସତର୍କ ସୂଚନା ଉପରେ ନଜର ରଖିବାକୁ କୁହାଯାଇଛି। ଶୁକ୍ରବାର ଅପରାହ୍ଣରେ ରାଜଧାନୀ ଭୁବନେଶ୍ୱରରେ ବିଜୁଳି, ଘଡଘଡ଼ି ସହ ପ୍ରବଳ ବର୍ଷା ହେବା ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା।

## ହାରାହାରି ୩୪୧.୯ ମି.ମି. ବର୍ଷା ରେକର୍ଡ଼

***ସ୍ୱାଭାବିକ ବୃଷ୍ଟିପାତ ଠାରୁ ୧୨ ପ୍ରତିଶତ ଅଧିକ***

ଭୁବନେଶ୍ୱର, ୧୦।୭(ନିପ୍ର): ଚଳିତ ମୌସୁମୀରେ ଜୁନ୍ ୧ ତାରିଖ ଠାରୁ ଜୁଲାଇ ୧୦ ତାରିଖ ସୁଦ୍ଧା ରାଜ୍ୟରେ ହାରାହାରି ୩୪୧.୯ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଯାହାକି ରାଜ୍ୟରେ ସ୍ୱାଭାବିକ ବୃଷ୍ଟିପାତ ଠାରୁ ୧୨ ପ୍ରତିଶତ ଅଧିକ ରହିଛି । ଏହି ଅବଧି ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୩୦୪.୨ ମି.ମି. ରହିଥାଏ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ବିଶାଳକାୟ କୁମ୍ଭୀର ଠାବ



କେନ୍ଦ୍ରାପଡ଼ା, ୧୦/୦୭(ନିପ୍ର): ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ମଙ୍ଗଳପୁର ନୂତନ ପୋଲ ନିକଟସ୍ଥ ଧୋବା ତୁଠ ବାଲି ଖାଦାନ ପାଖରେ ବିରୂପା ନଦୀର ବାଲିଚର ଉପରେ ଏକ ବିଶାଳକାୟ କୁମ୍ଭୀର ଦେଖିବାକୁ ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବାଲିଚର ଉପରେ କୁମ୍ଭୀରଟି ଶୋଇଥିବା ଦେଖି ଚିତ୍କାର କରିଥିଲେ। ଲୋକଙ୍କ ହୋହାଲ୍ଲା ଶୁଣି କୁମ୍ଭୀରଟି ତୁରନ୍ତ ନଦୀ ପାଣି ମଧ୍ୟକୁ ଚାଲିଯାଇଥିବା ଜଣାପଡ଼ିଛି। ଘଟଣା ପରେ ନଦୀକୂଳବର୍ତ୍ତୀ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଖେଳିଯାଇଛି। ବିଶେଷକରି ନଦୀରେ ଗାଧୋଇବା, ମାଛ ଧରିବା ଓ ଦୈନନ୍ଦିନ କାମରେ ନଦୀକୁ ଯାଉଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ଏସୀୟ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିଅନସିପ୍

# ପ୍ରଥମ ଦିନରେ ସ୍ୱର୍ଣ୍ଣ ସମେତ ୫ ପଦକ ଜିତିଲା ଭାରତ

ଓର୍ଦୋସ୍ (ଚୀନ୍), ୧୦/୭: ଏସୀୟ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ ରେ ଭାରତ ଏକ ଉଦୀୟମାନ ଆରମ୍ଭ କରିଥିଲା, ଗୁରୁବାର ଉଦଘାଟନୀ ଦିନରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ତିନୋଟି ବ୍ରୋଞ୍ଜ ସମେତ ମୋଟ ପାଞ୍ଚଟି ପଦକ ହାସଲ କରିଥିଲା। ଭାରତର ଏକମାତ୍ର ସ୍ୱର୍ଣ୍ଣ ପଦକ ମିଶ୍ର ୪X୪୦୦ ମିଟର ରିଲେ ଦଳ ଜିତିଥିଲା। ଅଷ୍ଟିକ ପ୍ରଧାନ, ସାନ୍ଦ୍ରା ମୋଲ ସାବୁ, ସେତୁ ମିଶ୍ର ଏବଂ ଶ୍ରାବଣୀ ସଚିନ ସାଙ୍ଗଲେଙ୍କ ଭାରତୀୟ କ୍ୱାର୍ଟେଟ୍ ୩:୧୮.୬୪ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଭାରତ ପାଇଁ ଦିନର ଶେଷ ଇଭେଣ୍ଟ ଥିଲା । ଭାରତର ପ୍ରଥମ ପଦକ ଜିତିଲେ ଭାରତପ୍ରୀତ ସିଂ, ଯିଏ ପୁରୁଷ ଡିସ୍କସ୍ ଥ୍ରୋରେ ୫୨.୯୧ ମିଟରର



ସର୍ବୋତ୍ତମ ପ୍ରୟାସ ସହିତ ବ୍ରୋଞ୍ଜ ପଦକ ଜିତିଥିଲେ। ଚୀନର ଲି ଝିଭିନ ୬୦.୭୯ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାଙ୍କ ଦେଶବନ୍ଧୁ ଜିଆଙ୍ଗ ଝେହାଓ ୫୯.୬ ମିଟର ଥ୍ରୋ କରି ରୌପ୍ୟ ପଦକ ହାସଲ କରିଥିଲେ। ପୁରୁଷ ୫୦୦୦ ମିଟର ଦୌଡ଼ରେ ଭାରତ ଦୁଇଟି ପଦକ ଜିତିଥିଲା। ଶିବାଜୀ ପରଶୁରାମ୍ ମାଦପ୍ପଗୌଡ଼ା ୧୪.୮୮ ସମୟ ସହିତ ରୌପ୍ୟ ପଦକ ଜିତିଥିଲେ। ବିନୋଦ ସିଂହ ୧୯ ମିନିଟ୍ରେ ରେସ୍ ଶେଷ କରି ବ୍ରୋଞ୍ଜ ପଦକ ଜିତିଥିବା ବେଳେ ବିନୋଦ ସିଂହ ୧୪.୨୩ରେ ରେସ୍ ଶେଷ କରିଥିଲେ। ୬୭ ମିନିଟ। ଜାପାନର ରୁଇ ସୁଜୁକି ୧୪:୧.୨୪ ମିନିଟ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ ଇଭେଣ୍ଟରେ ପ୍ରାଚୀ ଦେବକର ଦିନର ପଞ୍ଚମ ପଦକ ଜିତିଥିଲେ। ବ୍ରୋଞ୍ଜ ପଦକ ଜିତିବା ପାଇଁ ସେ ୧୦:୩୨.୬୯ ମିନିଟ ସମୟ ନେଇଥିଲେ। ଚୀନର ୟାଙ୍ଗ ୟିଟିଂ ୧୦:୧୪.୬୮ ମିନିଟ୍ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଲିଉ ୟୁକ୍ସିନ ୧୦:୨୫.୫୧ ମିନିଟ୍ରେ ରୌପ୍ୟ ପଦକ ଜିତିଥିଲେ। ଏସୀୟ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିଅନସିପର ପ୍ରଥମ ସଂସ୍କରଣରେ ଭାରତ ୫୩ ଜଣ ଆଥଲେଟ୍‌ଙ୍କୁ ନିୟୋଜିତ କରୁଛି।

## ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳାଙ୍କ ଧାରଣା

**କେନ୍ଦ୍ରାପଡ଼ା, ୧୦/୦୭(ନିପ୍ର):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ଛକ କ୍ରସିଂ ବଜାରରେ ନୂତନ ଭାବେ ଖୋଲାଯାଇଥିବା ଏକ ଆଇଏମଏଫଏଲ ମଦ ଦୋକାନକୁ ବିରୋଧ କରି ଶୁକ୍ରବାର ଶତାଧିକ ମହିଳା ଦୋକାନ ସମ୍ମୁଖରେ ଧାରଣା ଦେଇଥିଲେ। ଜମଧର ଗ୍ରାମପଞ୍ଚାୟତର ସରପଞ୍ଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ସ୍ଥାନୀୟ ଗ୍ରାମବାସୀ ମାନେ ମଧ୍ୟ ସାମିଲ ହୋଇ ମଦ ଦୋକାନ ସ୍ଥାନାନ୍ତର ଦାବିରେ ନାରାବାଜି କରିଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଦୋକାନଟି ନିର୍ଦ୍ଧାରିତ ସ୍ଥାନରେ ନଖୋଲି ଗଜଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ଏବଂ ଦୁହୁରିଆ ଫାଣ୍ଡିର ପଛପଟେ ସ୍ଥାପନ କରାଯାଇଛି। ଏହା କଟକ-



ଚାନ୍ଦବାଲି ରାଜ୍ୟ ରାଜପଥ ଓ ୫୩ ନମ୍ବର ଜାତୀୟ ରାଜପଥ (କ) ନିକଟରେ ଥିବା ସହ ପାଣ୍ଡିରି ଗାଁର ପ୍ରବେଶ ପଥରେ ଅବସ୍ଥିତ ଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିବା ଦାବି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମଦ୍ୟପମାନେ ଦୋକାନରୁ ମଦ କିଣି ପାଣ୍ଡିରି ଗାଁ ପ୍ରବେଶ ମୁହାଣରେ ଥିବା କଲଭର୍ଟ ଉପରେ ବସି ଖୋଲାଖୋଲି ମଦ୍ୟପାନ କରୁଛନ୍ତି। ଏଥିଯୋଗୁଁ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।

## ଡ୍ରେନ୍‌ର ନର୍ଦ୍ଦମା ପାଣି: ଜନସାଧାରଣ ହନ୍ତସନ୍ତ

ଆଠଗଡ଼,୧୦।୭(ନିପ୍ର) : ଆଠଗଡ଼ ସହରର ୬୫ନମ୍ବର ରାଜ୍ୟ ରାଜପଥ ଚାନ୍ଦବାଲି ଛକ ନିକଟରେ ଡ୍ରେନ୍ ପାଣି ନିଷ୍କାସନ ହୋଇନପାରି ରାସ୍ତାରେ ମାଡ଼ୁଛି। ନିକଟରେ ଦୋକାନ ବଜାର ଠାରୁ ଆରମ୍ଭକରି ନୂଆ ବସଷ୍ଟାଣ୍ଡ ସହ ଜନବସତି ରହିଛି। ପଥଚାରୀ ସେହି ଅପରିଷ୍କାର ନର୍ଦ୍ଦମା ପାଣିରେ ପଶି ଯିବା ଆସିବା କରୁଛନ୍ତି। ଏହି ସମୟରେ ଗାଡ଼ିଟିଏ ଚାଲି ଆସିଲେ ଅପରିଷ୍କାର ନର୍ଦ୍ଦମା ପାଣି ଛିଟିକି ପଥଚାରୀଙ୍କ



ଦେହରେ ପଡୁଛି। ଲଗାଣ ବର୍ଷା ସମୟରେ ଏହି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୁଏ ଏବଂ ଦୋକାନରେ ପାଣି ପଶୁଥିବା ମଧ୍ୟ ଅଭିଯୋଗ ହେଉଛି। ଡ୍ରେନ୍ ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ କେଉଁଠି ଅବ୍ୟବସ୍ଥା ରହୁଥିବା ହେତୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ବୁଝା ପଡୁନାହିଁ। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଇସ୍କନ ଓଡ଼ିଶା ଛାଡୁ : କଳିଙ୍ଗସେନା

**ଭୁବନେଶ୍ୱର,୧୦/୦୭(ନିପ୍ର):** ଓଡିଶାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଶ ବିଦେଶରେ ନିଜର ବ୍ୟବସାୟ ପାଇଁ ଅପମାନିତ କରିବା ଓ ପୁରୀ ଗଜପତିଙ୍କୁ ଅସମ୍ମାନ କରିଥିବା ଇସ୍କନ ସଂସ୍ଥାର ଓଡିଶାରେ ରହିବାର କୌଣସି ଅଧିକାର ନାହିଁ । ଏହି ବିଦେଶୀ ସଂସ୍ଥା ତୁରନ୍ତ ଓଡିଶା ଛାଡି ଚାଲିଯାଉ ବୋଲି କହିଛନ୍ତି କଳିଙ୍ଗସେନା ସୁପ୍ରିମୋ ହେମନ୍ତ ରଥ । ଏଠାରେ ସାମ୍ବାଦିକମାନଙ୍କୁ ଶ୍ରୀ ରଥ କହିଛନ୍ତି ଯେ ନିଜର ବେପାର ଓ ବ୍ରାଣ୍ଡିଂ ପାଇଁ ଇସ୍କନ ଜଗନ୍ନାଥଙ୍କୁ ବିଦେଶରେ ଖେଳନା ଭଳି ବ୍ୟବହାର କରୁଛି । ଯେଉଁଦିନ ଯେଉଁଠି ପାରୁଛି ସେଠି ସ୍ନାନଯାତ୍ରା ଓ ରଥଯାତ୍ରା କରୁଛି । ଜଗନ୍ନାଥଙ୍କୁ ରାସ୍ତାକଡରେ ବସାଇ ନିଜର ପ୍ରଚାର କରାଉଛି । ଜଗନ୍ନାଥପ୍ରେମୀମାନଙ୍କ ଭାବାବେଗକୁ ସମ୍ମାନ ଦେଉନାହିଁ । ଅଦିନିଆ ରଥଯାତ୍ରା ବାରଣ ପାଇଁ କହିଲେ ତାହାକୁ ଖାତିର ନକରି ଅଧିକରୁ ଅଧିକସଂଖ୍ୟାରେ ବର୍ଷସାରା ରଥଯାତ୍ରା କରୁଛି । ଜଗନ୍ନାଥଙ୍କୁ ନେଇ ଏଭଳି ଖେଳ ନଖେଳିବାପାଇଁ ପୁରୀ ଗଜପତି ଇସ୍କନକୁ ଅନୁରୋଧ କରିଥିଲେ ମଧ୍ୟ ତାହାକୁ ମାନିନାହିଁ ଏହି ସଂସ୍ଥା । ଓଲଟା ଏହା ଉପରେ କିଛି କରିହେବ ନାହିଁ ବୋଲି ଚିଠିଲେଖି ଗଜପତିଙ୍କୁ ଜଣାଇ ଦେଇଛି ।

## ଭିଡ଼ ଆକ୍ରମଣ: ବ୍ରାହ୍ମଣୀରେ ଡେଇଁ ଜଣେ ନିଖୋଜ

ରାଉରକେଲା,୧୦।୭:ଶୁକ୍ରବାର ଚାନ୍ଦିପୋଷ ଥାନା ସୀମା ଅନ୍ତର୍ଗତ କୋଇଲିଝରେ ଗାଁରେ ଛେଳି ଚୋରି ସନ୍ଦେହରୁ ଆରମ୍ଭ ହୋଇଥିବା ଭୟଙ୍କର ଭିଡ଼ ଆକ୍ରମଣରେ ପରିଣତ ହୋଇଥିଲା। ରାଉରକେଲାର ମାଲଗୋଦାମ ଅଞ୍ଚଳର ୪ ଜଣ ଯୁବକ ଜୀବନ ବଞ୍ଚାଇବା ପାଇଁ ଲଢ଼ିଥିଲେ । ଜଣେ ବ୍ରାହ୍ମଣୀ ନଦୀରେ ହତାଶ ହୋଇ ଡେଇଁ ପଡ଼ିବା ପରେ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି।ଗ୍ରାମବାସୀମାନେ ଛେଳି ଚୋରି କରୁଥିବା ଅଭିଯୋଗରେ ଚାରି ଜଣ ଯୁବକଙ୍କୁ ଘେରି ଏକ ନିର୍ମମ ଆକ୍ରମଣ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଉଦ୍ଧାରକାରୀ ଦଳ ଏବଂ ସ୍ଥାନୀୟ ଲୋକମାନେ ଖୋଜାଖୋଜି ଜାରି ରଖିଛନ୍ତି।

## ଜମି ଲିଜ୍ ରେକର୍ଡ଼ର ସଠିକ୍ ରକ୍ଷଣାବେକ୍ଷଣ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୭ : ଜମି ଲିଜ୍ ସମ୍ବନ୍ଧୀୟ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଓ ବିଧିବଦ୍ଧ ପ୍ରକ୍ରିୟାର ଯଥାର୍ଥ ପାଳନକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ଆବଶ୍ୟକ ସଠିକ୍ ସଂରକ୍ଷିତ ରେକର୍ଡ଼ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ସମ୍ପ୍ରତି ଏକ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଦୃଷ୍ଟିରେ ରଖି ବିଭାଗ ସ୍ପଷ୍ଟ କରିଛି ଯେ, ଜମି ଲିଜ୍ ସଂକ୍ରାନ୍ତୀୟ ସମସ୍ତ ମାମଲାରେ ନ୍ୟାୟାଳୟଙ୍କ ଆଦେଶ, ପ୍ରଚଳିତ ଆଇନ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାର ସଠିକ୍ ଅନୁପାଳନ କରାଯିବ। କୌଣସି ପ୍ରକାରର ଅବହେଳା କିମ୍ବା ବିଳମ୍ବକୁ ଗୁରୁତର ଭାବେ ବିବେଚନା କରାଯିବ । ଏହି ପରିପ୍ରେକ୍ଷୀରେ ରାଜସ୍ୱ ସଚିବ କହିଛନ୍ତି, ଜମି ଲିଜ୍ ସମ୍ପର୍କିତ ନ୍ୟାୟିକ ମାମଲାରେ ଆଇନସମ୍ମତ ନିଷ୍ପତ୍ତି, ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ। ଏଥିରେ କୌଣସି ତ୍ରୁଟି ଦେଖାଦେଲେ ଜନସାଧାରଣଙ୍କ ସ୍ୱାର୍ଥ ପ୍ରଭାବିତ ହେଉଛି ।

## ଦୁଇବର୍ଷିଆ ବି.ଏଡ଼, ଏମ୍.ଏଡ଼୍ ପ୍ରବେଶିକା ପରୀକ୍ଷା ଫଳାଫଳ

ଭୁବନେଶ୍ୱର, ୧୦।୭: ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଦୁଇ ବର୍ଷିଆ ବି.ଏଡ଼, ଏମ୍.ଏଡ଼ ଏବଂ ବି.ଏଚ.ଏଡ଼ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷାର ରେଜଲ୍ଟ ଶୁକ୍ରବାର ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ରେଜଲ୍ଟ ଦେଖି ପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ମୋଟ୍ ୩୧ଟି ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ବି.ଏଡ଼ ପାଇଁ ୨୪୫୦, ଏମ୍.ଏଡ଼ ପାଇଁ ୩୦୦ ଏବଂ ବି. ଏଚ. ଏଡ଼ ପାଠ୍ୟକ୍ରମ ପାଇଁ ୫୦ଟି ସିଟ୍ ରହିଛି। ବିଏଡ଼ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୦୯,୮୭୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୯୮,୧୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିପରି ଏମ୍. ଏଡ଼ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୭୮୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ ଏବଂ ତନ୍ମଧ୍ୟରୁ ୧,୩୧୮ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ।

### ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ମାମଲା

# ସଦସ୍ୟ, ରାଜସ୍ୱ ପର୍ଷଦଙ୍କ ନ୍ୟାୟାଳୟର ଗୁରୁତ୍ୱପୂର୍ଣ୍ଣ ରାୟ

ଭୁବନେଶ୍ୱର/ପୁରୀ, ୧୦/୭(ନିପ୍ର): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏକହରାଜତ ମହଲ ଅନ୍ତର୍ଗତ ଜମି ସମ୍ପର୍କିତ ଦୀର୍ଘଦିନର ବିବାଦରେ ସଦସ୍ୟ, ରାଜସ୍ୱ ପର୍ଷଦ(ବୋର୍ଡ ଅଫ୍ ରେଭେନ୍ୟୁ)ଙ୍କ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ୩୩ ପୃଷ୍ଠାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ଓ ବୋର୍ଡ ଅଫ୍ ରେଭେନ୍ୟୁର ସଦସ୍ୟ ସତ୍ୟବ୍ରତ ସାହୁ ଏହି ମାମଲାର ତ୍ୱରିତ ଶୁଣାଣି ପରେ ଦାଖଲ ହୋଇଥିବା ଦୁଇଟି ରିଭିଜନ୍ ପିଟିସନ୍‌କୁ ମଞ୍ଜୁର କରି ଜଟଣୀ ତହସିଲଦାରଙ୍କୁ ବିବାଦୀୟ ଜମିର ହାଲ ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କରି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ରେକର୍ଡ କରିବାକୁ ଆଜି



ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅଧୀନ କୁଦୀଆରି ମୌଜାର ବିଶାଳ ପରିମାଣର ଜମି ସହ ସମ୍ପୃକ୍ତ । ମନ୍ଦିର ପକ୍ଷରୁ ଦାବି କରାଯାଇଥିଲା ଯେ, ୧୯୫୧ ମସିହାରେ ଏକ ଶିକ୍ଷ ପ୍ରତିଷ୍ଠାନ ସ୍ଥାପନ ପାଇଁ ଦିଆଯାଇଥିବା ଦୀର୍ଘମିଆଦୀ ଲିଜ୍ ଆଇନସମ୍ମତ ନଥିଲା ଏବଂ ସେହି ଲିଜ୍‌କୁ ଆଧାର କରି ପରବର୍ତ୍ତୀ ସମୟରେ ହାଲ ରେକର୍ଡରେ ବେସରକାରୀ ପକ୍ଷ ତଥା 'ନୀଳମଣି ଦୁବେ' ଓ ଅନ୍ୟମାନେ ଏବଂ 'ଗୋପବନ୍ଧୁ ଗ୍ଲାସ ଏଣ୍ଡ ପଟରି ୱାର୍କସ ଲିମିଟେଡ୍' ନାମକ ଏକ ସଂସ୍ଥା ନାମରେ ରେକର୍ଡ କରାଯାଇଥିଲା । କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ସେତେବେଳେ ପ୍ରଚଳିତ ଥିବା ଓଡ଼ିଶା ହିନ୍ଦୁ ଧର୍ମୀୟ ଏଣ୍ଡାଉମେଣ୍ଟ ଆଇନ, ୧୯୩୯ର ଧାରା ୫୮ ଅନୁଯାୟୀ ପାଂଚ ବର୍ଷରୁ ଅଧିକ ସମୟ ପାଇଁ ମନ୍ଦିରର ଅଚଳ ସମ୍ପତ୍ତିକୁ ଲିଜ୍ ଦେବାକୁ ହେଲେ କମିଶନର, ଏଣ୍ଡାଉମେଂଟଙ୍କ ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଥିଲା । କିନ୍ତୁ ଏହି ମାମଲାରେ ଏପରି କୌଣସି ଅନୁମୋଦନ ହାସଲ କରାଯାଇଥିବାର ପ୍ରମାଣ ବିପକ୍ଷ ପକ୍ଷ ଦାଖଲ କରିପାରି ନଥିଲେ । କେବଳ ଲିଜ୍ ଦଲିଲ ପଞ୍ଜୀକୃତ ହୋଇଥିବାରୁ ତାହା ଆଇନସମ୍ମତ ହୋଇଯାଏ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ରାୟରେ ଆହୁରି କୁହାଯାଇଛି ଯେ, ଲିଜ୍ ଦେବାର ଉଦ୍ଦେଶ୍ୟ ଥିଲା ଶିକ୍ଷ ପ୍ରତିଷ୍ଠାନ ସ୍ଥାପନ । କିନ୍ତୁ ମାମଲାରେ ଉପସ୍ଥାପିତ ଦସ୍ତାବିଜରୁ ଏପରି କୌଣସି ଶିକ୍ଷ ପ୍ରତିଷ୍ଠାନ ବାସ୍ତବରେ ସ୍ଥାପିତ ହୋଇଥିବା କିମ୍ବା ମନ୍ଦିର କୌଣସି ଆର୍ଥିକ ଲାଭ ପାଇଥିବାର ପ୍ରମାଣ ମିଳିନାହିଁ ଓ ବରଂ ତହସିଲଦାରଙ୍କ ସଦ୍ୟତମ କ୍ଷେତ୍ର ପରିଦର୍ଶନ ରିପୋର୍ଟରେ ବିବାଦୀୟ ଜମି ଏବେ ମଧ୍ୟ ଖାଲି ପଡ଼ିଥିବା ଉଲ୍ଲେଖ ରହିଛି।

# ୬୮୦ ରୁଟ୍ କିଲୋମିଟରରେ ସ୍ଥାପନ କରିବ କବଚ ୪.୦ ସିଷ୍ଟମ

**ନୂଆଦିଲ୍ଲୀ, ୧୦/୭(ନିପ୍ର):** ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଭାରତୀୟ ରେଳବାଇ ଉତ୍ତର ରେଳବାଇର ଦିଲ୍ଲୀ ଡିଭିଜନର ରେୱାଡ଼ି-ଦିଲ୍ଲୀ ଏବଂ ଶାକୁରବସ୍ତି-ବଠିଣ୍ଡା ସେକ୍ସନର ମୋଟ ୬୮୦ ରୁଟ୍ କିଲୋମିଟର ଏବଂ ସେମାନଙ୍କର ସମ୍ପୃକ୍ତ ଫିଡର ଶାଖା ଲାଇନ ଗୁଡ଼ିକରେ ସ୍ୱଦେଶୀ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ 'କବଚ ସଂସ୍କରଣ ୪.୦' ସ୍ଥାପନ କରିବାକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପ ପାଇଁ ୨୦୬ କୋଟି ଖର୍ଚ୍ଚ ହେବ। ରେଳ ମନ୍ତ୍ରଣାଳୟ ଶୁକ୍ରବାର କହିଛି ଯେ ଏହି ପ୍ରକଳ୍ପ



ଭାରତୀୟ ରେଳବାଇର ସାରା ଦେଶରେ 'କବଚ' ପ୍ରଣାଳୀ କାର୍ଯ୍ୟକାରୀ କରିବା ପାଇଁ ଚାଲୁଥିବା ଯୋଜନାର ଏକ ଅଂଶ। ଉଦ୍ଦେଶ୍ୟ ହେଉଛି ଉଚ୍ଚ-ଯାତାୟାତ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ଗୁଡ଼ିକରେ ଏହି ସ୍ୱଦେଶୀ ସୁରକ୍ଷା ପ୍ରଣାଳୀକୁ ବିସ୍ତାର କରିବା। ଏହା ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରେଳ ସୁରକ୍ଷାକୁ ନୂତନ ଶକ୍ତି ପ୍ରଦାନ କରିବ। ଉଲ୍ଲେଖନୀୟ ଯେ 'କବଚ' ହେଉଛି ଭାରତରେ ବିକଶିତ ଏକ ସ୍ୱଦେଶୀ ଭାବରେ ବିକଶିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ। ଏହାର ଉଦ୍ଦେଶ୍ୟ ହେଉଛି 'ସିଗନାଲ ପାସ୍ ଆଟ୍ ଡେଞ୍ଜର' ଘଟଣା ଏବଂ ଟ୍ରେନ୍ ଧକ୍କାକୁ ରୋକିବା।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ